୬ ଶେଷରେ ଭାରତ ଆଗରେ ନଇଁଲା ପାକିସ୍ତାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୨୪୫ ● ୨ ଅକ୍ଟୋବର ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-245 ● 2nd October 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ୩% ଡିଏ ବୃଦ୍ଧିକୁ କ୍ୟାବିନେଟ୍ ଅନୁମୋଦନ

**ନୂଆଦିଲ୍ଲୀ, ୧।୧୦**

କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର)ରେ ୩% ବୃଦ୍ଧିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କୀତ କ୍ୟାବିନେଟ କମିଟି ବୈଠକରେ ଅନୁମୋଦନ ମିଳିଛି। ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଘୋଷଣା କରି କହିଛନ୍ତି ଯେ, ଏହି ବୃଦ୍ଧି ଦ୍ୱାରା ୪୯.୨ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୭ ଲକ୍ଷ ପେନସନଭୋଗୀ ଲାଭବାନ ହେବେ। ଏହାକୁ ମିଶାଇ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ବର୍ତ୍ତମାନ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବୃଦ୍ଧି ପିଛିଲା ଭାବେ ୧ ଜୁଲାଇ, ୨୦୨୫ରୁ କାର୍ଯ୍ୟକାରୀ ହେବ। ଏହା ଚଳିତ ବର୍ଷ ମହଙ୍ଗା ଭତ୍ତାରେ ଦ୍ୱିତୀୟ ବୃଦ୍ଧି। ସରକାର ବର୍ଷକୁ ଦୁଇ ଥର ମହଙ୍ଗା ଭତ୍ତା ସଂଶୋଧନ କରନ୍ତି। ଏହି ବୃଦ୍ଧି ଗୃହୀତ ସୂତ୍ର ଅନୁସାରେ, ଯାହା ସପ୍ତମ କେନ୍ଦ୍ରୀୟ ବେତନ କମିଶନଙ୍କ ସୁପାରିସ



ଉପରେ ଆଧାରିତ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଡିଏ ଏବଂ ଡିଆର ସରକାରୀ ଦରମା ଏବଂ ପେନସନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯାହାର ଉଦ୍ଦେଶ୍ୟ ହେଉଛି, ମୁଦ୍ରାସ୍ଫୀତିର ପ୍ରଭାବକୁ ହ୍ରାସ କରିବା ଏବଂ କ୍ରୟ ଶକ୍ତି ବଜାୟ ରଖିବା। ସରକାର ବର୍ଷକୁ ଦୁଇ ଥର, ଜାନୁଆରୀ ଏବଂ ଜୁଲାଇରେ ସେଗୁଡ଼ିକର ସମୀକ୍ଷା କରନ୍ତି। ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାର ଡିଏ ଏବଂ ଡିଆର ୨ ପ୍ରତିଶତ ବୃଦ୍ଧି କରିଥିଲେ, ଯାହା ଜାନୁଆରୀ ୧, ୨୦୨୫ରୁ ଲାଗୁ ହୋଇଥିଲା।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ, କ୍ୟାବିନେଟ ସାରା ଦେଶରେ ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ଖୋଲିବାକୁ ମଧ୍ୟ ଅନୁମୋଦନ କରିଛି। ଯାହାର ଲକ୍ଷ୍ୟ ଗୁଣାତ୍ମକ ଶିକ୍ଷାର ସୁବିଧାକୁ ବିସ୍ତାର କରିବା। ୫୭ଟି ନୂତନ କେଭି ପ୍ରତିଷ୍ଠା ପାଇଁ ମୋଟ୍ ୫୮୬୨.୫୫ କୋଟି ଟଙ୍କା ଆନୁମାନିକ ପାଣ୍ଠି ଆବଶ୍ୟକତା ହେବ, ଯାହା ୨୦୨୬-୨୭ରୁ ନଅ ବର୍ଷ ଅବଧି ମଧ୍ୟରେ ବିସ୍ତାରିତ ହେବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ୫୭ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟକୁ ମଞ୍ଜୁରୀ ଦେଇଛି। ଯେଉଁ ଜିଲ୍ଲାରେ ବର୍ତ୍ତମାନ କୌଣସି କେଭି ନାହିଁ ସେଠାରେ ୨୦ କେଭି ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ୧୪ କେଭି, ବାମପନ୍ଥୀ ଉଗ୍ରବାଦ ଜିଲ୍ଲାଗୁଡ଼ିକରେ ୪ଟି ଏବଂ ଉତ୍ତର ପୂର୍ବ ଏବଂ ପାହାଡ଼ିଆ ଅଞ୍ଚଳରେ ୫ଟି କେଭି ପ୍ରସ୍ତାବିତ ରହିଛି। କ୍ୟାବିନେଟ୍ ୨୦୨୬-୨୭ ମାର୍କେଟିଂ ବର୍ଷ ପାଇଁ ଗହମର ସର୍ବନିମ୍ନ ସହାୟକ ମୂଲ୍ୟକୁ ୬.୫୯ ପ୍ରତିଶତ ବୃଦ୍ଧି କରି ପ୍ରତି କ୍ୱିଣ୍ଟାଲ ୨,୫୮୫ ଟଙ୍କା କରିବାକୁ ଘୋଷଣା କରିଛି। ଗହମ ହେଉଛି ମୁଖ୍ୟ ରବି (ଶୀତକାଳୀନ) ଫସଲ, ଯାହାର ବୁଣା ଅକ୍ଟୋବର ଶେଷରୁ ଆରମ୍ଭ ହୋଇଥାଏ ଏବଂ ମାର୍ଚ୍ଚରେ ଅମଳ କରାଯାଏ। ଅନ୍ୟାନ୍ୟ ରବି ଫସଲ ମଧ୍ୟରେ ଜବା, ବାର୍ଲି, ଚଣା ଏବଂ ମସୁର ଅନ୍ତର୍ଭୁକ୍ତ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ବୁଧବାର କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ନିଆଯାଇଥିବା ପଞ୍ଚମ ପ୍ରମୁଖ ନିଷ୍ପତ୍ତି ହେଉଛି, ଏନଏଚ-୭୧୫ (୮୬ କିଲୋମିଟର, (ପୃଷ୍ଠା ୭ରେ)

## କଟକର ବିଭିନ୍ନ ପୂଜାମଣ୍ଡପ ବୁଲିଲେ ମୁଖ୍ୟମନ୍ତ୍ରୀ



**କଟକ, ୧।୧୦**
**ନ୍ୟୁଜ୍‌ବ୍ୟୁରୋ**

ସାରା ରାଜ୍ୟ ପୂଜା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଚାଲିଛି ପୂଜା। ବୁଧବାର ମହାମାୟା ମା' ଦୁର୍ଗାଙ୍କ ମହାନବମୀ ପାଳନରେ ଉଛୁଳି ଉଠୁଛି ପରିବେଶ। ଘଣ୍ଟଘଣ୍ଟା ଶଙ୍ଖନାଦରେ କମ୍ପୁଛି ସାରା ପୂଜାମଣ୍ଡପ। ମାଆଙ୍କ ଆଶିଷ ନେବାକୁ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ଗହଳି ଲାଗିଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ପ୍ରତାପ ନଗରୀ ପୂଜା ମଣ୍ଡପରେ ପହଞ୍ଚି ସେଠାରେ ମାଆଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଚାଉଳିଆଗଞ୍ଜ ପୂଜାମଣ୍ଡପ ସମେତ କଟକ ସହରର ଅନ୍ୟ କେତେକ ପୂଜାମଣ୍ଡପ ବୁଲି ମାଆଙ୍କ ଦର୍ଶନ କରିଥିଲେ। ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି "କଟକ ଦୁର୍ଗା ପୂଜାରେ ମା'ଙ୍କ ଆଶୀର୍ବାଦ ଲାଭ କରିଛି। ମୁଁ ଅତ୍ୟନ୍ତ ଆନନ୍ଦିତ। ଓଡ଼ିଶାର ଲୋକ ଓ କଟକବାସୀ କିଭଳି ସୁଖ ଶାନ୍ତିରେ ରହିବେ କାମନା କରିଛି। (ପୃଷ୍ଠା ୭ରେ)

### ଶୁଭେଚ୍ଛା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ସମ୍ବାଦ କଳିକାର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

### ଛୁଟି ଘୋଷଣା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଓ ଦଶହରା ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୨.୧୦.୨୦୨୫ ଓ ୩.୧୦.୨୦୨୫ ଦୁଇ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୪.୧୦.୨୦୨୫ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

## ରେପୋ ରେଟ୍ ଅପରିବର୍ତ୍ତିତ : ଟାରିଫ ମାଡ଼ରେ ଖସିପାରେ ବିକାଶ ଦର

**ନୂଆଦିଲ୍ଲୀ, ୧।୧୦**

ରେପୋ ରେଟ୍ ଅପରିବର୍ତ୍ତିତ ରହିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି। ୫.୫ ପ୍ରତିଶତରେ ଅପରିବର୍ତ୍ତିତ ରହିଛି ରେପୋ ରେଟ୍। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହା ଘୋଷଣା କରିବା ସହିତ କହିଛନ୍ତି, ଟାରିଫ ମାଡରେ ଖସିପାରେ ବିକାଶ ଦର। ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି କମିଟିର ତିନି ଦିନିଆ ବୈଠକ ଶେଷ ହେବା ପରେ, ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ବୁଧବାର ବଡ଼ ଘୋଷଣା କରିଛନ୍ତି। ଆରବିଆଇ ଗଭର୍ଣ୍ଣର କହିଛନ୍ତି ରେପୋ ହାରରେ କୌଣସି ପରିବର୍ତ୍ତନ ହେବ ନାହିଁ। ତେଣୁ ରେପୋ ରେଟ୍ ୫.୫ ପ୍ରତିଶତରେ ଅପରିବର୍ତ୍ତିତ ରହିବ। ବୈଠକ ପରେ ସେ କହିଛନ୍ତି,



'ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ଜିଏସଟି ୨.୦ ଅର୍ଥାତ ଡିଏସଟିରେ ସଂସ୍କାର ସାହାଯ୍ୟ କରିବ।' ତେବେ ସେ ପୁଣି କହିଛନ୍ତି, ଅଗଷ୍ଟ ମୁଦ୍ରା ନୀତି ପରଠାରୁ ଦେଶରେ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ମଧ୍ୟରେ ସନ୍ତୁଳନ ବଦଳି ଯାଇଛି। ଅନ୍ୟପକ୍ଷରେ, ଅତ୍ୟଧିକ ଟାରିଫ ଅର୍ଥାତ ଶୁଳ୍କ (ଆମଦାନୀ ଏବଂ ରପ୍ତାନି ଉପରେ ବର୍ଦ୍ଧିତ ଶୁଳ୍କ) ରପ୍ତାନିକୁ ମନ୍ଥର କରିପାରେ। ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ, (ପୃଷ୍ଠା ୭ରେ)

## ଭର୍ତ୍ତୃହରି ଅର୍ଥ କମିଟି, ବୈଜୟନ୍ତ ପଣ୍ଡାଙ୍କୁ ସିଲେକ୍ଟ କମିଟି ଅଧ୍ୟକ୍ଷ ଦାୟିତ୍ୱ





**ନୂଆଦିଲ୍ଲୀ, ୧।୧୦**

ବୁଧବାର ଦିନ ସଂସଦର ବିଭିନ୍ନ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ନାମକୁ ଘୋଷଣା କରାଯାଇଛି। ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ସିଲେକ୍ଟ କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏହା ସହ ସେ ପୁନର୍ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟିରେ ମଧ୍ୟ ସ୍ଥାନ ପାଇଛନ୍ତି।

ଭର୍ତ୍ତୃହରି ଅର୍ଥ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସପ୍ତଗିରି ଉଲ୍ଲାକାଙ୍କୁ ଗ୍ରାମ୍ୟ ଉନ୍ନୟନ କମିଟି ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସାଂସଦ ସୁକାନ୍ତ ପାଣିଗ୍ରାହୀ କୃଷି, ପ୍ରାଣୀ ସମ୍ପଦ ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିରେ ସ୍ଥାନପାଇଛନ୍ତି। (ପୃଷ୍ଠା ୭ରେ)

### ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି ଲାଗୁ ଶସ୍ତା ହେବ ସ୍ୱିସ୍ କପଡ଼ା, ଘଣ୍ଟା

**ନୂଆଦିଲ୍ଲୀ, ୧।୧୦**

ବୁଧବାରଠୁ ଭାରତ ଏବଂ ୪ ୟୁରୋପୀୟ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କାର୍ଯ୍ୟକାରୀ ହୋଇଛି। ଏହା ଦ୍ୱାରା ସ୍ୱିଜରଲାଣ୍ଡର ମଦ, ଚକୋଲେଟ, କପଡ଼ା, ଘଣ୍ଟା ଭଳି ବିଭିନ୍ନ ସାମଗ୍ରୀ ଘରୋଇ ବଜାରରେ ଶସ୍ତା ହେବ। ସେହିଭଳି ଭାରତର ଶ୍ରମ କୈନ୍ଦ୍ରିକ କ୍ଷେତ୍ର ଯଥା କେତେକ କୃଷି ଜାତୀୟ ସାମଗ୍ରୀ ଚା, କଫି, ଫଳ, ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ, କ୍ରୀଡ଼ା ଉପକରଣ, ଖେଳନା, ରତ୍ନପଥର ଏବଂ ଗହଣା ୟୁରୋପୀୟ ବଜାରରେ ପହଞ୍ଚ ବଢ଼ିବ। ଏସବୁ କ୍ଷେତ୍ରରେ ୟୁରୋପକୁ ଭାରତର ରପ୍ତାନିରେ ଉନ୍ନତି ଆସିବ।

ମୁକ୍ତ ବାଣିଜ୍ୟ ଚୁକ୍ତି ମଧ୍ୟରେ ଥିବା ୟୁରୋପୀୟ ଦେଶ (ପୃଷ୍ଠା ୭ରେ)

## ଭାରତ ଆସିବେ ପୁଟିନ

**ନୂଆଦିଲ୍ଲୀ, ୧।୧୦**

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଡିସେମ୍ବର ୫-୬ରେ ଭାରତ ଗସ୍ତରେ ଆସିବେ ବୋଲି ଆଶା କରାଯାଉଛି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରିବେ ବୋଲି ଆଶା କରାଯାଉଛି। ଦୁଇ ନେତାଙ୍କ ମଧ୍ୟରେ ଏହି ଶିଖର ବୈଠକ ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେରିକା ରୁଷ୍ ତେଲ କିଣିବା ପାଇଁ ଭାରତ ଉପରେ କଡ଼ା ଟାରିଫ ଲଗାଇଛି। ଏହି ଉଚ୍ଚସ୍ତରୀୟ ଗସ୍ତ ପ୍ରଥମେ ଅଗଷ୍ଟରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋ ଗସ୍ତ କରିବା ସମୟରେ ଘୋଷଣା କରାଯାଇଥିଲା।

ତଥାପି, ସେହି ସମୟରେ ତାରିଖ ସ୍ଥିର ହୋଇନଥିଲା। ପରେ, ଚୀନରେ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ସମୟରେ ପୁଟିନ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଗୋଟିଏ କାର୍‌ରେ ଯାଉଥିବାବେଳେ ପ୍ରାୟ ଏକ ଘଣ୍ଟା ଧରି ବୈଠକ କରିଥିଲେ। ପୁଟିନଙ୍କ ଭାରତ ଗସ୍ତ ଏପରି ସମୟରେ ହେଉଛି ଯେତେବେଳେ ରୁଷ୍ ସହିତ ବାଣିଜ୍ୟକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି।

## ମହାତ୍ମା ଗାନ୍ଧୀ ସମଗ୍ର ମାନବଜାତି ପାଇଁ ପ୍ରେରଣାର ଦୃଢ଼ ସ୍ୱର ଥିଲେ : ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧।୧୦**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜନ୍ମବାର୍ଷିକୀର ପୂର୍ବ ସନ୍ଧ୍ୟାରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗାନ୍ଧୀ ଜୟନ୍ତୀର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଏହା ଜାତିର ପିତାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧକୁ ସମର୍ପିତ କରିବାର ଏକ ଅବସର। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଶାନ୍ତି, ସହନଶୀଳତା ଏବଂ ସତ୍ୟର ବାର୍ତ୍ତା ଦେଇଛନ୍ତି, ଯାହା ସମଗ୍ର ମାନବଜାତି ପାଇଁ ପ୍ରେରଣା। ସେ ଅସ୍ପୃଶ୍ୟତା, ନିରକ୍ଷରତା, ନିଶା



ଏବଂ ଅନ୍ୟାନ୍ୟ ସାମାଜିକ କୁପ୍ରଥା ଦୂର କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ ଏବଂ ସମାଜର ଦୁର୍ବଳ ବର୍ଗକୁ (ପୃଷ୍ଠା ୭ରେ)

## କଲେଜ ଛକରେ ଭୁଶୁଡ଼ିଲା ଗେଟ୍ : ୩ ଆହତ

**କଟକ, ୧।୧୦**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାର ପ୍ରବଳ ବର୍ଷା ଯୋଗୁଁ କଲେଜ ଛକରେ ନିର୍ମାଣ ହୋଇଥିବା ଲାଇଟ୍ ଗେଟ୍ ଭୁଶୁଡ଼ି ପଡ଼ିଛି। ବର୍ଷା ଯୋଗୁଁ କେହି ନଥିବାରୁ କାହାରି କିଛି କ୍ଷତି ହୋଇନଥିବା ସୂଚନା ମିଳିଛି। ଆଖାପାଖ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯାଇ ରାସ୍ତା ସଫା କରାଯାଇଛି। ସେପଟେ କଟକ ରାଜାବଗିଚାରେ ପୂଜା ମଣ୍ଡପର ତାଜା ଭାଙ୍ଗିଯାଇଛି। ଏଥିରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସର୍ବୋଦୟପୁର ପୂଜା କମିଟି ପକ୍ଷରୁ ପୂଜା ଚାଲିଥିବାବେଳେ ଏଭଳି ଅଘଟଣ ଘଟିଛି। ଆହତ ୩ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

## ବାଣିଜ୍ୟିକ ଏଲପିଜି ସିଲିଣ୍ଡର ମୂଲ୍ୟ ୧୫.୫୦ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ, ୧।୧୦**

ଅକ୍ଟୋବର ମାସରେ ବଡ଼ ପରିବର୍ତ୍ତନ। ତୈଳ କମ୍ପାନୀଗୁଡ଼ିକ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି କରିଛନ୍ତି। କେବଳ ସେତିକି ନୁହେଁ, ୟୁପିଆଇ ସହିତ ଜଡ଼ିତ ନିୟମ ମଧ୍ୟ ପରିବର୍ତ୍ତନ ହୋଇଛି। ଏହି ପରିବର୍ତ୍ତନର ପ୍ରଭାବ ପ୍ରତ୍ୟେକ ଘରେ ଅନୁଭୂତ ହେବ। ମାସ ଆରମ୍ଭରୁ ଅନେକ ଛୋଟ ଏବଂ ବଡ଼ ପରିବର୍ତ୍ତନ ହୋଇଥାଏ। ଅକ୍ଟୋବର ପହିଲାରୁ, ୟୁପିଆଇ ଠାରୁ ଟ୍ରେନ୍ ଟିକେଟ୍ ବୁକିଂରେ ବଡ଼ ପରିବର୍ତ୍ତନ ହୋଇଛି। ପାର୍ବଣ ଋତୁରେ କମର୍ସିଆଲ୍ ଏଲପିଜି ସିଲିଣ୍ଡର ଦର ବଢ଼ିଛି। ସେହିପରି ଟ୍ରେନ୍ ଟିକେଟ ଅନଲାଇନ୍ ବୁକିଂ ନିୟମରେ ମଧ୍ୟ ପରିବର୍ତ୍ତନ ହୋଇଛି। ଯାହା ରେଳ ଯାତ୍ରୀମାନଙ୍କୁ ପ୍ରଭାବିତ କରିବ। ଗତ କିଛି ମାସ ମଧ୍ୟରେ, ତୈଳ ମାର୍କେଟିଂ



କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମର କମର୍ସିଆଲ ଏଲପିଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ହ୍ରାସ କରିଥିଲେ। କିନ୍ତୁ ଅକ୍ଟୋବର ମାସର ପ୍ରଥମ ଦିନରେ ପୁଣି ବୃଦ୍ଧି କରିଛନ୍ତି। ଯାହା ଫଳରେ ଦିଲ୍ଲୀରୁ ମୁମ୍ବାଇ ପର୍ଯ୍ୟନ୍ତ ଏହା ମହଙ୍ଗା ହୋଇଛି। ଆଇଓସିଏଲ ୱେବସାଇଟ୍ ଅନୁଯାୟୀ, ଦିଲ୍ଲୀରେ ଏକ ସିଲିଣ୍ଡରର ମୂଲ୍ୟ ୧୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଏହା ୧,୫୮୦ ପରିବର୍ତ୍ତେ ୧,୫୯୫ରେ ଉପଲବ୍ଧ ହେବ। କୋଲକାତାରେ ସିଲିଣ୍ଡର ମୂଲ୍ୟ ୧,୬୮୪ ଟଙ୍କାକୁ ବୃଦ୍ଧି ହୋଇ ୧,୭୦୦ ଟଙ୍କା ହୋଇଛି। ସେହିପରି ୧୯ କିଲୋଗ୍ରାମ ସିଲିଣ୍ଡର ପୂର୍ବରୁ ୧,୫୩୧ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହା ୧,୫୪୭ ଟଙ୍କାକୁ ବୃଦ୍ଧି ପାଇଛି। ଚେନ୍ନାଇରେ ଏଲପିଜି ସିଲିଣ୍ଡର ୧,୭୩୮ ଟଙ୍କାରୁ ୧,୭୫୪ ଟଙ୍କାକୁ ବୃଦ୍ଧି ପାଇଛି। ହେଲେ ୧୪ କିଲୋଗ୍ରାମ ଓଜନର ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଦ୍ୱିତୀୟ ପରିବର୍ତ୍ତନ ବିମାନ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଗତ ସେପ୍ଟେମ୍ବରରେ ବିମାନ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲା। ହେଲେ ପୁଣି ଥରେ ବଢ଼ିବା ଆଶଙ୍କା ଦେଖାଦେଇଛି। କମ୍ପାନୀଗୁଡ଼ିକ ଏବେ ପାର୍ବଣ ଋତୁରେ ଏଟିଏଫ ମୂଲ୍ୟରେ ଯଥେଷ୍ଟ ବୃଦ୍ଧି କରିଛନ୍ତି। ଅକ୍ଟୋବର ପହିଲାରୁ (ପୃଷ୍ଠା ୭ରେ)

### ଏକାଳ ପଖାଳ



ବିଜୟାଦଶମୀ ପୂଜାରେ ତୋ'ର ମା'
ଆଶୀଷ ଏହି ଦିଅ
ଅଧର୍ମର ହେଉ ବିନାଶ ସଂସାରେ
ଧର୍ମର ହେଉ ଜୟ
ଛୁଟିଛି ପାପର ସୁଅ
ରସାତଳଗାମୀ ନୀତି ମୂଲ୍ୟବୋଧ
ସାହାରା ଟିକେ ହୁଅ।

## ପ୍ରଥମ ଥର ପାଇଁ ମୁଦ୍ରାରେ ଭାରତ ମାତାଙ୍କ ଚିତ୍ର




**ନୂଆଦିଲ୍ଲୀ, ୧।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆରଏସ୍‌ଏସ୍‌ର ଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦିଲ୍ଲୀର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଉତ୍ସବରେ ସେ ଏକ ଡାକଟିକଟ ଏବଂ ଏକ ସ୍ୱତନ୍ତ୍ର ମୁଦ୍ରା ଉନ୍ମୋଚନ କରିବା ସହ ଏହାର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ବ୍ୟାଖ୍ୟା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ୧୦୦ ଟଙ୍କାର ମୁଦ୍ରାରେ ଗୋଟିଏ ପାର୍ଶ୍ୱରେ ଜାତୀୟ ପ୍ରତୀକ ଏବଂ ଅନ୍ୟ ପାର୍ଶ୍ୱରେ ଭାରତ ମାତାଙ୍କ ପ୍ରତିମୂର୍ତ୍ତି ରହିଛି ଯେଉଁଥିରେ ସିଂହ ଏବଂ ଉତ୍ସର୍ଗୀକୃତ ସ୍ୱେଚ୍ଛାସେବକମାନେ ଦେବୀ ମାତାଙ୍କୁ ପ୍ରଣାମ କରୁଛନ୍ତି।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତ ମାତାର ପ୍ରତିମୂର୍ତ୍ତି ଭାରତୀୟ ମୁଦ୍ରାରେ ଅଛି, ସମ୍ଭବତଃ ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ଏପରି ପଦକ୍ଷେପ ନିଆଯାଇଛି। ଆରଏସ୍‌ଏସ୍ ଶତବାର୍ଷିକୀ ବର୍ଷ ପାଳନ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସ୍‌ଏସ୍ ମହାସଚିବ ଦତ୍ତାତ୍ରେୟ ହୋସାବଲେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିଲା। କେନ୍ଦ୍ର ମନ୍ତ୍ରୀ, ବରିଷ୍ଠ ଆରଏସ୍‌ଏସ୍ କର୍ମୀ ଏବଂ ସାମାଜିକ ଉଚ୍ଚବର୍ଗର ସଦସ୍ୟ (ପୃଷ୍ଠା ୭ରେ)

## ଅବପାତ ରୂପ ନେଲା ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା






**ଭୁବନେଶ୍ୱର, ୧।୧୦**
**ନ୍ୟୁଜ୍‌ବ୍ୟୁରୋ**

ମଙ୍ଗଳବାର ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଅବପାତରେ ପରିଣତ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ଙ୍କ ସୂଚନା ଅନୁଯାୟୀ, ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ୨ ଅକ୍ଟୋବର ସକାଳେ ଗଭୀର ଅବପାତରେ ପରିଣତ ହେବ। ୩ ଅକ୍ଟୋବର ସକାଳେ ଏହା ପାରାଦୀପ-ଗୋପାଳପୁର ମଧ୍ୟ ଦେଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ (ପୃଷ୍ଠା ୭ରେ)








ଦୁର୍ଗାପୂଜା ଅବସରରେ ଜଗତସିଂହପୁରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ଜଗତ୍‌ଜନନୀ ମା’ ଦୁର୍ଗା ଓ ଶିବ-ପାର୍ବତୀ **(ଫଟୋ:ସମ୍ବାଦ କଳିକା)**



# ନଦୀବନ୍ଧରେ ପଥର ପ୍ୟାକିଂ ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ପଞ୍ଚାୟତ ଅଙ୍କୁଓ ଗ୍ରାମ ଚିତ୍ରପ୍ଳା ନଦୀ କୂଳରେ ଅବସ୍ଥିତ। ଏହି ଗ୍ରାମର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଚିତ୍ରୋପ୍ଳା ନଦୀ କୂଳରେ ଅବସ୍ଥାପିତ। ଚିତ୍ରୋପ୍ଳା ନଦୀ ବନ୍ଧଟି ଅସୁରକ୍ଷିତ ହୋଇପଡିଛି। ପ୍ରତିବର୍ଷ ବର୍ଷା ଦିନେ ବନ୍ୟା ସମୟରେ ନଦୀରୁ ଅତଡା ଖାଇଯାଇଥାଏ। ଗ୍ରାମବାସୀଙ୍କର ୩୦ ଏକରରୁ ଉର୍ଦ୍ଧ୍ୱ ଚାଷଜମି ଓ ଘରବାରୀ ଏବେ ଚିତ୍ରୋପ୍ଳା ନଦୀରେ ଲୀନ ହୋଇସାରିଲାଣି। ଗୁରୁତର ଭାବେ ଦୁର୍ବଳ ଥିବା ନଦୀବନ୍ଧର ବଡ ବଡ ଅତଡା ଗୁଡିକ ଖସିବାରୁ ଏହା ଗ୍ରାମବାସୀଙ୍କ ଚିନ୍ତାର ବିଷୟ ପାଲଟିଛି। ନଦୀ ବନ୍ଧକୁ ପଥର ପ୍ୟାକିଂ କରିବା ପାଇଁ ଗ୍ରାମବାସୀ ମାନେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍.ଆଇ.ଆର୍ ଓ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଅଭିଯୋଗ କରିଛନ୍ତି। ନଦୀବନ୍ଧ ଖୁବ୍‌ଶୀଘ୍ର ପଥର ପ୍ୟାକିଂ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଶାନ୍ତ କୁମାର ପରିଡା, ଅକ୍ଷୟ କୁମାର ପରିଡା, ଶିଶିର କୁମାର ପରିଡା, ପ୍ରଫୁଲ୍ଲ ଚନ୍ଦ୍ର ପରିଡା, ରବିନ୍ଦ୍ର ନାଥ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଏସ୍‌ଆଇ ନିଯୁକ୍ତି ଜାଲିଆତି, କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପୋଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ୧୨୦ ଉର୍ଦ୍ଧ୍ୱ ଆଶାୟୀଙ୍କୁ କୋଚିଂ ଦେବା ପାଇଁ ହାଇଦ୍ରାବାଦ ନେଉଥିଲା। ହେଲେ ସେମାନଙ୍କୁ ପିଛା କରି ଶ୍ରୀକାକୁଲମ୍‌ରେ ଧରିଥିଲା ବ୍ରହ୍ମପୁର ପୋଲିସ। ବର୍ତ୍ତମାନ ପୋଲିସ ଅଧୀନରେ ରହିଛନ୍ତି ଆଶାୟୀମାନେ। ପୋଲିସ ସେମାନଙ୍କୁ ବ୍ରହ୍ମପୁର ଆଣି ପଚରାଉଚୁରା କରୁଥିବା ସୂଚନା ମିଳିଛି। କ୍ରାଇମ୍‌ବ୍ରାଞ୍ଚ ଓ ବ୍ରହ୍ମପୁର ପୋଲିସ ପକ୍ଷରୁ ଛାନ୍‌ଭିନ୍ ଜାରି ରହିଛି। ଚାକିରି ରାକେଟ୍‌ର ପର୍ଦ୍ଦାଫାସ୍ ପରେ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପକ୍ଷରୁ ଆଶାୟୀ ମାନଙ୍କ ପାଇଁ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି। ହେଲ୍ପ ଲାଇନ୍ ନମ୍ବର ହେଲା ୯୦୪୦୪୯୩୨୨୩। ଯେଉଁମାନଙ୍କର ଯାହା ଅଭିଯୋଗ ରହିଛି ସେମାନେ ଏହି ନମ୍ବରରେ ଅଭିଯୋଗ କରିପାରିବେ। ଅନ୍ୟପଟେ ଅକ୍ଟୋବର ୫ ଓ ୬ ତାରିଖରେ ହେବାକୁ ଥିବା ପୋଲିସ ଏସ୍‌ଆଇ ଲିଖିତ ପରୀକ୍ଷା ସ୍ଥଗିତ ରଖିଛି ଓପିଆର୍‌ବି। ଆଗକୁ ପରୀକ୍ଷା କେବେ ହେବ ସେ ନେଇ ନୂଆ ତାରିଖ ଘୋଷଣା କରାଯିବ ବୋଲି ଓପିଆର୍‌ବି ଅଧକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

# କୋର୍ଟଙ୍କ ଆଦେଶ ବଳରେ ୱାର୍କଚାର୍ଜଡ଼ କର୍ମଚାରୀ ପାଇବେ ପେନ୍‌ସନ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସର୍ବୋଚ୍ଚ ନ୍ୟାୟଳୟଙ୍କ ଆଦେଶ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗର ଅଠାନବେ ଜଣ ୱାର୍କଚାର୍ଜଡ଼ କର୍ମଚାରୀ ପେନ୍‌ସନ୍ ପାଇବେ। ଏଥିନିମନ୍ତେ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ ମୁଖ୍ୟଙ୍କୁ ଚିଠି କରିବା ପରେ ଅଠାନବେ ଜଣଙ୍କୁ ପେନ୍‌ସନ୍ ପ୍ରଦାନ ବାବଦରେ କେତେ ଟଙ୍କା ଲାଗିବ ଯନ୍ତ୍ରୀମୁଖ୍ୟ ଅଧସ୍ତନ ଅଧିକାରୀଙ୍କୁ ଚିଠି କରିଛି। ଅକ୍ଟୋବର ଛଅ ତାରିଖ ମଧ୍ୟରେ ବ୍ୟୟ ଅଟକଳ ଓ ସମ୍ପୃକ୍ତ କର୍ମଚାରୀ ମାନଙ୍କର ଅବସର ସମୟ ପ୍ରଦାନ ନିମନ୍ତେ ଚିଠିରେ ଉଲ୍ଲେଖ କରିଛି। ସ୍ମରଣଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ପକ୍ଷରୁ ଏସ୍‌ଏଲ୍‌ପି (ଡାଇରୀ) ନମ୍ବର ୩୩୪୦୦/୨୦୨୩ ରେ ସର୍ବୋଚ୍ଚ ନ୍ୟାୟଳୟରେ କରାଯାଇଥିବା ରିଟ୍ ଅପିଲ୍ ତା ୨୪.୦୭.୨୦୨୫ ରିଖରେ ଖାରଜ ହେବା ପରେ ସରକାର ଅଠା ନବେ ଜଣ ଆବେଦନକାରୀଙ୍କୁ ପେନ୍‌ସନ୍ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ‘ଓଡ଼ିଶା ଅବସରପ୍ରାପ୍ତ ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ କ୍ରିୟାନୁଷ୍ଠାନ ସଂଗଠନ’ ଅଭିଯୋଗ କରି ସରକାରଙ୍କ ନିକଟରେ ପ୍ରଶ୍ନ ଉଠାଇଛି ଯେ, ଏମାନଙ୍କ ଭଳି ଯେଉଁ ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀମାନେ ଅର୍ଥ ଅଭାବରୁ କୋର୍ଟକୁ ଯାଇପାରୁନାହାନ୍ତି ସେମାନେ କଣ ପେନ୍‌ସନ୍ ପାଇବେ ନାହିଁ ? ସରକାର କେଉଁ ସ୍ୱାର୍ଥରେ କୋର୍ଟରେ ବାରମ୍ବାର ରିଟ୍ ଅପିଲ୍ କରିବା ଓ ରିଟ୍ ଅପିଲ୍ ନାକଚ ପରେ ସର୍ବୋଚ୍ଚ କୋର୍ଟରେ ଏସ୍‌ଏଲ୍‌ପି ଅପିଲ୍ କରି ଏସ୍‌ଏଲ୍‌ପି ବିଚାର ଯୋଗ୍ୟ ନହେବା ଓ ପରୋକ୍ଷରେ ଓକିଲଙ୍କ ଖର୍ଚ୍ଚ ବାବଦରେ ରାଜକୋଷରୁ ଅର୍ଥ ବ୍ୟୟ ହେବା ଏହା ସରକାରଙ୍କ କର୍ମଚାରୀଙ୍କ ବିରୋଧରେ ନକାରାତ୍ମକ ନିଷ୍ପତ୍ତି ନୁହେଁକି ? ତେବେ ଯେଉଁ କର୍ମଚାରୀ କୋର୍ଟକୁ ଯିବ ଆଉ କୋର୍ଟରେ ଜିତିବ ସରକାର ତାଙ୍କୁ ପେନ୍‌ସନ୍ ଦେବେ। କୋର୍ଟରେ ପେନ୍‌ସନ୍ ସମ୍ବନ୍ଧୀୟ ମକଦ୍ଦମା କରିନଥିବା କର୍ମଚାରୀ କଣ ସାମ୍ବିଧାନିକ ଧାରା-୧୬ ରୁ ବଞ୍ଚିତ ହେବ। ସାମ୍ବିଧାନିକ ଧାରା-୧୬କୁ ସରକାର ଅମାନ୍ୟ କରି ୩୫ରୁ ୪୨ ବର୍ଷ ଧରି ସରକାରଙ୍କୁ ସେବା ଦାନ କରିଥିବା କର୍ମଚାରୀଙ୍କୁ ଚାକିରୀର ଅବସର ବୟସ ସମୟରେ ପେନ୍‌ସନ୍ ନଦେଇ ସେମାନଙ୍କ ହକ୍ ପ୍ରାପ୍ୟକୁ ଫାଙ୍କିବା ସରକାରଙ୍କ ସମ୍ବିଧାନ ବିରୋଧୀ ଶାସନ କହିଲେ ଅତ୍ୟୁକ୍ତି ହେବନାହିଁ। ସରକାର ମୋକଦ୍ଦମା ଖୋର ନହୋଇ ସହନଶିଳତା ନୀତି ଅବଲମ୍ବନ କରି ଅଠାନବେ ଜଣଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବା ଭିତରେ ଏମାନଙ୍କ ଭଳି ସମାନ ସ୍ଥିତିରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନ୍‌ସନ୍ ଦେବା ନିମନ୍ତେ ସରକାର ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେବାକୁ କ୍ରିୟାନୁଷ୍ଠାନ ସଂଗଠନର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, ଆବାହକ ସର୍ବଶ୍ରୀ ଅରୁଣ କେଶରୀ ପରିଡା ଓ ଗିରିଶ ନନ୍ଦ ଦାବି କରିଛନ୍ତି।

# କଟକ ଓ ଭୁବନେଶ୍ୱରରେ ଆଧ୍ୟାତ୍ମିକ ପରିବେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ, ଭୁବନେଶ୍ୱର ସାରା ରାଜ୍ୟରେ ସବୁଠି ଦୁର୍ଗାପୂଜା ପାଇଁ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମାଆଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଚହଳି ଲାଗିରହିଛି। ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣ, ଘଣ୍ଟ ଘଣ୍ଟାରେ ଭାବ ଭକ୍ତିମୟ ପରିବେଶ ସହିତ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ଜଗଜ୍ଜନନୀ ମା’ ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଉଛି। ସେପଟେ ପ୍ରକମ୍ପିତ ହେଉଛି କେନ୍ଦୁଝର ଜିଲ୍ଲା ଘଟଗାଁର ମାଆ ତାରିଣୀଙ୍କ ପୀଠ। ସେହିପରି କଟକ ଚଣ୍ଡୀଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରିବାକୁ ମନ୍ଦିରରେ ଲାଗିଛି ଗହଳି। ମହାନବମୀ ଅବସରରେ ଶ୍ରଦ୍ଧାଳୁଙ୍କୁ ସୁନାବେଶରେ ଦର୍ଶନ ଦେଇଥିଲେ ମା’। ଅନ୍ୟପଟେ ମନ୍ଦିର ପରିସରରେ ଦଶଭୂଜାଙ୍କର କାନ୍ତ, କମନୀୟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଦୁର୍ଗାପୂଜା ଅବସରରେ ମହାସପ୍ତମୀରୁ ବିଜୟା ଦଶମୀ ଯାଏ ୪ ଦିନ ଧରି ଶ୍ରଦ୍ଧାଳୁଙ୍କୁ ସୁନାବେଶରେ ଦର୍ଶନ ଦେଉଛନ୍ତି ମାଆ ତାରିଣୀ। ଦଶହରାରେ ଗୋଟିଏ ପଟେ, ପୀଠାସୀନ ଦେବୀ ଓ ଅନ୍ୟପଟେ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତିଙ୍କ ମଧ୍ୟରେ ଘଟିଛି ଅପୂର୍ବ ସମନ୍ୱୟ। ନବରାତ୍ରରେ ମା’ଙ୍କ ପାଖରେ ଚାଲିଛି ହୋମଯଜ୍ଞ ଓ ଚଣ୍ଡୀପାଠ।

# ହାଉସିଂବୋର୍ଡ କଲୋନୀକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ଆଠଗଡ ହାଉସିଂବୋର୍ଡ କଲୋନୀକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାଟି ପିଚୁ କି ମାଟିକାଦୁଅ ରାସ୍ତା ତାହା ଜାଣିବା କଷ୍ଟକର ହେଇପଡୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ପଥଚାରୀ ଏବଂ ୨-୪ ଚକିଆ ଯାନବାହାନ ନିୟମିତ ଯାତାୟାତ କରିଥାଆନ୍ତି। ହାଉସିଂ ବୋର୍ଡ କଲୋନୀ ସମେତ ରାଧାଗୋବିନ୍ଦପୁର, ଧାଇପୁର, ବଉଦା, ଗୋବିନ୍ଦପୁର, କନ୍ଦରପୁର, ନଣ୍ଡାଇଲୋ, ରାଉତରାପୁର ଓ ବାଙ୍କି ବ୍ଲକର ଫୁଲବାଡି ତଥା ଅନ୍ୟାନ୍ୟ ଅଞ୍ଚଳର ଶହ ଶହ ଲୋକ ଏହି ରାସ୍ତା ଦେଇ ସ୍କୁଲ, କଲେଜ, ମେଡିକାଲ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ବିକ୍ରୟ ପାଇଁ ବଜାରକୁ ଯାତାୟାତ କରିଥାନ୍ତି। ବିଜୁ ପଟ୍ଟନାୟକ ଖେଳ ଭବନ (ଇନ୍‌ଡୋର୍ ଷ୍ଟାଡିୟମ୍) ପ୍ରତିଷ୍ଠା ସମୟରେ ମେଡିକାଲ ଛକ ଓ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଠାରୁ ଖେଳ ଭଜନ ପର୍ଯ୍ୟନ୍ତ ବଢ଼ିଆ ରାସ୍ତା ନିର୍ମାଣ ହୋଇଛି। ଖେଳ ଭବନ ଠାରୁ ହାଉସିଂ ବୋର୍ଡକୁ ସଂଯୋଗ କରୁଥିବା ୪୦୦ ମିଟର ରାସ୍ତା ଦୀର୍ଘ ବର୍ଷ ହେଲା ନବୀକରଣ ବା ମରାମତି ହୋଇନଥିବାରୁ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା ନିର୍ମାଣ କିମ୍ବା ମରାମତି ନିମନ୍ତେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ବ୍ଲକ ଅବା ଏନ୍‌ଏସି କିମ୍ବା ପୂର୍ତ୍ତ ବିଭାଗର ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ହାଉସିଂ ବୋର୍ଡକୁ ସଂଯୋଗ କରୁଥିବା ରାସ୍ତା ଏନ୍‌ଏସି ଅଞ୍ଚଳ ହେଉ ବା ରାଧାଗୋବିନ୍ଦପୁର ପଞ୍ଚାୟତ ଅଧିନ ହେଉ ସେ ରାସ୍ତାରେ ପାଣି ଜମିବା, ଖାଲଖମା ଓ ମାଟିକାଦୁଅ ପରିପୂର୍ଣ୍ଣ ହୋଇ ଯାତାୟାତରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅଧିବାସୀଙ୍କ ମଧ୍ୟରୁ କେତେକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରାସ୍ତା ଓ ଖାଲିଥିବା ସ୍ଥାନକୁ ଜବରଦଖଲ କରିଥିବା ଅଭିଯୋଗ ହେଉଛି। ଜବରଦଖଲ ହେତୁ ରାସ୍ତାକଡରେ ଡ୍ରେନ୍ ନିର୍ମାଣ ହୋଇପାରୁନାହିଁ ଏବଂ ଘରର ମଇଳା ପାଣି ସାରାବର୍ଷ ରାସ୍ତାରେ ବୋହି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନିକଟରେ ବିଜେଡ଼ି କାର୍ଯ୍ୟାଳୟ ଅଛି ଏବଂ ଏହି ରାସ୍ତାର ଶୋଚନୀୟ ଅବସ୍ଥା ବିଷୟରେ ଆଠଗଡ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ସିଏ ଉକ୍ତ ସମସ୍ୟା ପ୍ରତି ଅଣଦେଖା କରିଆସୁଛନ୍ତି ବୋଲି ହାଉସିଂ ବୋର୍ଡ ଅଧିବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ହାଉସିଂ ବୋର୍ଡ କଲୋନୀର ବହୁ ଅଧିବାସୀ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ଭେଟି ଦଶହରା ପର୍ବକୁ ଦୃଷ୍ଟିରେ ରଖି ରାସ୍ତାର ମରାମତି କାର୍ଯ୍ୟ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ଶର୍ମା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରାସ୍ତା ମରାମତି ପାଇଁ ଯଥାଶୀଘ୍ର ପଦକ୍ଷେପ ନେବେ ପ୍ରତିଶ୍ରୁତି ଦେଇଥିଲେ। ତୁରନ୍ତ ଏହି ରାସ୍ତା ନିର୍ମାଣ ସହ ଜବରଦଖଲ ଉଚ୍ଛେଦ ପାଇଁ ହାଉସିଂ ବୋର୍ଡ କଲୋନୀବାସୀ ଦାବି କରିଛନ୍ତି।



# ନିଷ୍ପତ୍ତିରେ ରହିଗଲା ସାପ କାମୁଡ଼ା ରୋଗୀଙ୍କ ପାଇଁ ହାଲୁକା ଷ୍ଟ୍ରେଚର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁକୁ କମାଇବା ଲାଗି ନୂଆ ରଣନୀତି ଆପଣାଇବାକୁ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ସାପ କାମୁଡ଼ା ରୋଗୀଙ୍କୁ ଚଲାବୁଲା ବାରଣ ଥିବାରୁ ସେମାନଙ୍କୁ ଡାକ୍ତରଖାନା ଆଣିବା ଲାଗି ଏକ ହାଲୁକା ଷ୍ଟ୍ରେଚର ବ୍ୟବହାର କରାଯିବ। ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଷ୍ଟ୍ରେଚର ରଖିବା ଲାଗି ୨୦୨୨ ମସିହାରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ନେଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଜରିଆରେ ଏହାକୁ କାର୍ଯ୍ୟକାରୀ କରାଯିବ। ଏହା ଭିତରେ ୩ ବର୍ଷ ବିତିଲାଣି। ତତ୍କାଳୀନ ସରକାର କିମ୍ବା ନୂଆ ସରକାର ଏହା ଉପରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଦେଶରେ ପ୍ରତିବର୍ଷ ୩୦-୪୦ ଲକ୍ଷ ସାପ କାମୁଡ଼ା ମାମଲା ନଜରକୁ ଆସୁଛି। ଏଥିରେ ୫୦ ହଜାର ଲୋକ ପ୍ରାଣ ହରାଉଛନ୍ତି। ବିଶ୍ୱର ଦ୍ୱିତୀୟ ସର୍ବାଧିକ ସାପ କାମୁଡ଼ା ମୃତ୍ୟୁ ଭାରତରେ ହେଉଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଅନୁଧାନ ବ୍ୟୁରୋ (ସିବିଏଚ୍‌ଆଇ) ପକ୍ଷରୁ ୨୦୧୬-୨୦୨୦ ମସିହା ଭିତରେ ହୋଇଥିବା ଅନୁଧାନରେ ଦେଶରେ ବର୍ଷକୁ ହରାହାରି ୩ ଲକ୍ଷ ଲୋକଙ୍କୁ ସାପ କାମୁଡୁଛି। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ର, ତାମିଲନାଡୁ, ଓଡ଼ିଶା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟ ସାପ କାମୁଡ଼ା ମାମଲାରେ ଆଗରେ ରହିଛନ୍ତି। ତଥାପି ଦେଶରେ ପ୍ରତିବର୍ଷ ଯେତିକି ସଂଖ୍ୟକ ସାପ କାମୁଡ଼ା ମାମଲା ହେଉଛି ତହିଁରୁ ଅଧିକାଂଶ ରିପୋର୍ଟ ମଧ ହେଉନାହିଁ। ତେଣୁ ସରକାରଙ୍କ ପାଖରେ ଏନେଇ ସମ୍ପୂର୍ଣ୍ଣ ତଥ୍ୟ ନାହିଁ। ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ଦ୍ୱାରା ଜାରି ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତି ବର୍ଷ ପ୍ରାୟ ହଜାର ଲୋକ ସାପ କାମୁଡ଼ାରେ ପ୍ରାଣ ହରାଉଛନ୍ତି। ୨୦୧୫ ମସିହାରେ ରାଜ୍ୟ ସରକାର ସାପ କାମୁଡ଼ାକୁ ଏକ ବିପର୍ଯ୍ୟୟ ବୋଲି ଘୋଷଣା କରିଛନ୍ତି। ଏଥିରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉଛି। ମୟୂରଭଞ୍ଜ, ଗଞ୍ଜାମ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ରେ ଅନ୍ୟ ଜିଲ୍ଲା ତୁଳନାରେ ଅଧିକ ସାପ କାମୁଡ଼ା ମୃତ୍ୟୁ ରେକର୍ଡ କରାଯାଉଛି। ରୋଗୀଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି ସ୍ନେକ୍ ଭେନମ୍ ଇଞ୍ଜେକସନ୍ ଯୋଗାଇ ଦିଆଯାଉଥିଲେ ହେଁ ସଚେତନତାର ଅଭାବ, ଅବହେଳା ଓ ଭୟ କାରଣରୁ ମୃତ୍ୟୁ ଘଟୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଯେତିକି ସାପ କାମୁଡ଼ା ଘଟଣା ଘଟୁଛି ତହିଁରୁ ପ୍ରାୟ ୮୦% ଅଣ ବିଷଧର ସାପ କାମୁଡ଼ିବା କାରଣରୁ ହେଉଛି। ୨୫-୩୦% ସାପ କାମୁଡ଼ା ମୃତ୍ୟୁ କିଛି ଘଣ୍ଟା ଭିତରେ ହୋଇଥାଏ। ଏହି ସମୟ ଭିତରେ ସାପ ବିଷ ଶରୀରକୁ ବ୍ୟାପି ନଥାଏ, ହେଲେ ଲୋକମାନେ ଛାନିଆରେ ପ୍ରାଣ ହରାଉଛନ୍ତି। କେଉଁଟା ବିଷାକ୍ତ ସାପ ଓ କେଉଁଟି ନୁହେଁ ସେ ନେଇ ଲୋକଙ୍କ ଭିତରେ ସଚେତନତା ବଢ଼ାଇବାକୁ ପଡ଼ିବ। ସାପ କାମୁଡ଼ିଥିବା ଲୋକ ଚଲାବୁଲା କରିବା ଉଚିତ୍ ନୁହେଁ। ସେମାନଙ୍କୁ ଷ୍ଟ୍ରେଚର ସହାୟତାରେ ଡାକ୍ତରଖାନା ଆଣିବା ଜରୁରୀ। ରାଜ୍ୟରେ ବହୁତ ଲୋକ ଗୁଣିଆ ଓ ଅନ୍ୟାନ୍ୟ କୁସଂସ୍କାର ଉପରେ ବିଶ୍ୱାସ କରୁଛନ୍ତି। ଫଳରେ ଏହି ଚିକିତ୍ସା ବେଳେ ରକ୍ତରେ ବିଷର ସଞ୍ଚାର ଅଧିକ ହୋଇଥାଏ ଓ ବ୍ୟକ୍ତି ମୃତ୍ୟୁ ମୁଖରେ ପଡୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡ଼ା ଇଞ୍ଜେକସନ୍ ଉପଲବ୍ଧ ରହିଛି। ଜିଲ୍ଲାସ୍ତରରେ ମଧ ଏହାକୁ ଉପଲବ୍ଧ କରାଯାଇଛି। ତେବେ ପ୍ରତି ଗାଁରେ ହାଲୁକା ଷ୍ଟ୍ରେଚର ରଖିବା ନିଷ୍ପତ୍ତି ସ୍ୱାସ୍ଥ୍ୟ ବିଭାଗରେ ବର୍ତ୍ତମାନ ଉପଲବ୍ଧ ନାହିଁ।



# ମା’ ଶାଉନ୍ତେଇଶ୍ୱରୀ ବଏଲ୍ ଯାତ୍ରା

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ସହର ନିକଟ ସାଉଁନ୍ତପୁର ମା’ ଶାଉନ୍ତେଇଶ୍ୱରୀ ମନ୍ଦିରରେ ବଏଲ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୁଆ ଦିହରେ ମା’ ଆବିର୍ଭାବ ହୋଇଥିଲେ। ମା’ ଶିବ ମନ୍ଦିରରେ ଯାଇ ଶିବଙ୍କୁ ବରଣ କରିଥିଲେ। ତାପରେ ଭକ୍ତ ମାନଙ୍କ ଦୁଃଖ ଶୁଣି ମା’ ଭୈରବୀ ମନ୍ଦିରକୁ ଯାଇଥିଲେ। ତାପରେ ମା’ ଗାଁରେ ହେଉଥିବା ଦୁର୍ଗା ପୂଜାକୁ ଆସିଥିଲେ। ବହୁ ସଂଖ୍ୟାରେ କୁସମୁଣ୍ଡା ବଳି ଦିଆଯାଇଥିଲା। ତାପରେ ମା’ ନିଜ ଖଳାକୁ ଚାଲିଯାଇଥିଲେ। ସେଠାରେ ମା’ଙ୍କ ବାଲି ପ୍ରଥା ୬ଟା ୫୦ରେ ଆରମ୍ଭ ହୋଇଥିଲା ଓ ୭ଟା ୪୦ରେ ଶେଷ ହୋଇଥିଲା। ତାପରେ ମା’ ନିଜ ମନ୍ଦିରକୁ ଚାଲଯାଇଥିଲେ। ମା’ଙ୍କୁ ଦର୍ଶନ କରିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ଭିଡ଼ ଲାଗିଥିଲା।

# ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

କୋରାଇ ବ୍ଲକ ଅନ୍ତର୍ଗତ ପଟରଙ୍ଗା ଗ୍ରାମର ଜଣେ ୮୫ ବର୍ଷୀୟ ମାୟାଧର ସେଠି ନାମକ ବୃଦ୍ଧ ଅପରାହ୍ନରେ ତାଙ୍କ ନାତିକୁ ଧରି ଗାଁ ପାଖ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ଶୌଚ ହେବା ସମୟରେ କୌଣସି ମତେ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡିଯାଇଥିଲେ। ତେବେ ନାତି ନାବାଳକ ଶିଶୁ ହୋଇଥିବାରୁ ସହାୟତା କରିନପାରି ଘରକୁ ଦୌଡ଼ିଥିଲେ ଏବଂ ଘର ଲୋକ ଖବର ପାଇ ପୋଖରୀ ପାଖରେ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ବୃଦ୍ଧଙ୍କୁ ଉଦ୍ଧାର କରି ଯାଜପୁର ରୋଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କୋରାଇ ପୋଲିସ ସୂଚନା ପାଇ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ସ୍ଥାନୀୟ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

31 YEARS
ସମ୍ବାଦ କଳିକା

# ଅପରାଧ ହାରରେ ୧୧ ନମ୍ବରରେ ଓଡ଼ିଶା

ଦେଶରେ ବଢ଼ିଚାଲିଛି ଅପରାଧ । ଜାତୀୟ ହାର କହୁଛି ପ୍ରତି ଏକ ଲକ୍ଷ ଲୋକଙ୍କ ମଧ୍ୟରୁ ୪୪୯ ଜଣ ଅପରାଧର ଶିକାର ହୋଇ ଥାନାକୁ ଯାଉଛନ୍ତି । ଏ କ୍ଷେତ୍ରରେ ଓଡ଼ିଶା ୧୧ ନମ୍ବର ସ୍ଥାନରେ ରହିଛି । ଓଡ଼ିଶାରେ ପ୍ରତି ଏକ ଲକ୍ଷରେ ମାତ୍ର ୪୬୩ ଜଣ ଅପରାଧର ଶିକାର ହେଉଥିବା ନିକଟରେ ପ୍ରକାଶ ପାଇଥିବା ୨୦୨୩ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ଏନ୍‌ସିଆରବି ରିପୋର୍ଟ ଅନୁସାରେ, ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ। ଏଠାରେ ୨୦୨୩ରେ ୭ ଲକ୍ଷ ୯୩ ଲକ୍ଷ ୨୦ଟି ଅପରାଧିକ ମାମଲା ରୁଜୁ ହୋଇଥିଲା । ପ୍ରତି ୧ ଲକ୍ଷ ଲୋକରେ ୨୩ ଶହ ୬୫ ଜଣ ଅପରାଧର ଶିକାର ହୋଇଥିଲେ । ଦ୍ୱିତୀୟ ସ୍ଥାନରେ ବିହାର । ଏଠାରେ ପ୍ରତି ୧ ଲକ୍ଷରେ ୧୨୭୩ ଜଣ ବିଭିନ୍ନ ଅପରାଧର ଶିକାର ହୋଇଥିଲେ। ତୃତୀୟ ସ୍ଥାନରେ ମହାରାଷ୍ଟ୍ରର ରହିଛି । ଏଠାରେ ପ୍ରତି ୧ ଲକ୍ଷ ଲୋକରେ ୧୨୬୭ ଜଣ ଅପରାଧର ଶିକାର ହୋଇଥିଲେ । ଚତୁର୍ଥରେ ପଶ୍ଚିମବଙ୍ଗ, ପଞ୍ଚମରେ ମଧ୍ୟପ୍ରଦେଶ, ଷଷ୍ଠରେ ତାମିଲନାଡୁ, ସପ୍ତମରେ ବିହାର, ଅଷ୍ଟମରେ ରାଜସ୍ଥାନ, ନବମରେ ହରିଆଣା, ଦଶମରେ କର୍ଣ୍ଣାଟକ ରହିଛି। ଓଡ଼ିଶା ୧୧ ନମ୍ବର ସ୍ଥାନରେ ରହିଛି। ୨୦୨୩ରେ ରାଜ୍ୟରେ ୧୯ ଲକ୍ଷ ୯୯ ହଜାର ୫୪ଟି ମାମଲା ରୁଜୁ ହୋଇଥିଲା। ପ୍ରତି ଏକ ଲକ୍ଷ ଲୋକଙ୍କ ମଧ୍ୟରୁ ୪୬୩ ଜଣ ଅପରାଧର ଶିକାର ହୋଇଥିଲେ। ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ୧୮ ଲକ୍ଷ ୪୨ ହଜାର ୯୩ଟି ମାମଲା ରୁଜୁ ହୋଇଥିଲା। ଆନ୍ଧ୍ର ପ୍ରଦେଶରେ ପ୍ରତି ୧ ଲକ୍ଷ ଲୋକରେ ୫୩୨. ୨ ଜଣ ଅପରାଧ ଶିକାର ହେଉଥିବା ରିପୋର୍ଟ କହୁଛି। ପଶ୍ଚିମବଙ୍ଗରେ ୧୯ ଲକ୍ଷ ୨୭୨ଟି ମାମଲା ରୁଜୁ ହୋଇଥିଲାବେଳେ ସେଠାରେ ପ୍ରତି ୧ ଲକ୍ଷରେ ୯୯୨ ଜଣ ଅପରାଧର ଶିକାର ହୋଇଥିଲେ। ଛତିଶଗଡ଼ରେ ୩୦୨ ଜଣ ଅପରାଧର ଶିକାର ହେଉଛନ୍ତି। ଓଡ଼ିଶାରେ ରୁଜୁ ହେଉଥିବା ଅପରାଧ ମାମଲାରେ ପୁଲିସ୍ ୮୦.୬% ଚାର୍ଜସିଟ୍ ଦାଖଲ କରିଛି। ସୂଚନାଯୋଗ୍ୟ, ୨୦୨୩ ମସିହାର ଏନ୍‌ସିଆରବିର ରିପୋର୍ଟ ୨୦୨୪ରେ ପ୍ରକାଶ ପାଇବା କଥା । ମାତ୍ର ଏହା ୨୦୨୫ ସେପ୍ଟେମ୍ବର ଶେଷରେ ପ୍ରକାଶ ପାଇଛି । ୨୦୨୪ର ରିପୋର୍ଟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

# ରକ୍ଷ ତ୍ୱମମ୍ବ

## (ଛନ୍ଦଃ- ବସନ୍ତ ତିଳକମ୍)



ଡା. କୃଷ୍ଣ କେଶବ ଷଡ଼ଙ୍ଗୀ
ମୋ- ୯୪୩୭୫୬୬୩୨୪



**ଶ୍ୟାମାଽତିଭୀମମଧୁକୈଟଭଦୈତ୍ୟହନ୍ତ୍ରୀ**
**କୋପାତିରେକକଳନାବିକରାଳବକ୍ତ୍ରା ।**
**ବ୍ରହ୍ମେନ୍ଦ୍ରସଂସ୍ତୁତପଦା ହରିଯୋଗନିଦ୍ରା**
**ରକ୍ଷ ତ୍ୱମମ୍ବ ବିଦିତା ଭୁବି କାଳିକେତି ।୧।**

ତୁମେ ଶ୍ୟାମଳା । ଅତ୍ୟନ୍ତ ଭୟଙ୍କର ମଧୁ ଓ କୈଟଭ ନାମକ ଦୁଇ ଦୈତ୍ୟଙ୍କ ବିନାଶିକା । ତୁମର କ୍ରୋଧାନ୍ୱିତ ମୁଖମଣ୍ଡଳ ଅତ୍ୟନ୍ତ ଭୟାନକ । ବ୍ରହ୍ମା ଓ ଇନ୍ଦ୍ର ତୁମ ପଦକୁ ସ୍ତୁତି କରନ୍ତି । ତୁମେ ଭଗବାନ ହରିଙ୍କର ଯୋଗନିଦ୍ରା ସ୍ୱରୂପା ତଥା ଧରାତଳେ କାଳିକା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର।

**ପୀତା ତଡ଼ିଦ୍ଦ୍ୟୁତିମୟୀ ବିଭବପ୍ରଦାତ୍ରୀ**
**ସର୍ବାର୍ଥସାଧନକଳାକଳିତସ୍ୱଭାବା ।**
**ଦାରିଦ୍ର୍ୟଦୁଃଖହରଣୀ କୃତପଦ୍ମବାସା**
**ରକ୍ଷ ତ୍ୱମମ୍ବ ଭୁବନେ ବିଦିତାଽନ୍ନପୂର୍ଣ୍ଣା ।୨।**

ତୁମେ ହଳଦୀବର୍ଣ୍ଣା, ବିଜୁଳି ଭଳି ତେଜସ୍ୱିନୀ, ଧନ ପ୍ରଦାନକାରିଣୀ ତଥା ସମସ୍ତ ଅର୍ଥ ସାଧନ କଳାରେ ନିପୁଣା । ଦାରିଦ୍ର୍ୟ ଓ ଦୁଃଖର ହରଣକାରିଣୀ, ପଦ୍ମନିବାସିନୀ ତଥା ସାରା ବିଶ୍ୱରେ ଅନ୍ନପୂର୍ଣ୍ଣା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର ।

**ଶୁଭ୍ରାଽସ୍ୟଦଭ୍ରଜଡ଼ତାତିମିରାର୍କରୂପା**
**ଶବ୍ଦାତ୍ମିକା କରଲସତ୍ସ୍ୱରଶଂସିବୀଣା ।**
**ବିଦ୍ୟାବିଭୂତିବରଦା ହତଚଣ୍ଡମୁଣ୍ଡା**
**ରକ୍ଷ ତ୍ୱମମ୍ବ ବିଦିତା ଭୁବି ଭାରତୀତି ।୩।**

ତୁମେ ଶୁଭ୍ର ବର୍ଣ୍ଣା ଓ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରୁଥିବା ସୂର୍ଯ୍ୟ ସମାନା। ତୁମେ ଶବ୍ଦସ୍ୱରୂପା ଏବଂ ହାତରେ ସୁନ୍ଦରସ୍ୱରକାରି-ବୀଣାଧାରିଣୀ । ତୁମେ ବିଦ୍ୟା ଓ ଐଶ୍ୱର୍ଯ୍ୟ ପ୍ରଦାୟିନୀ ତଥା ଚଣ୍ଡ ଓ ମୁଣ୍ଡ ନାମକ ରାକ୍ଷସଙ୍କ ବଧକାରିଣୀ । ପୃଥିବୀରେ ତୁମେ ଭାରତୀ ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର ।

**ରକ୍ତା ସମୁଦ୍ୟଦରୁଣଦ୍ୟୁତିଦୀପ୍ତଦେହା**
**ପାରୀନ୍ଦ୍ରପୃଷ୍ଠନିହିତାଽଖିଳଦେବବନ୍ଦ୍ୟା ।**
**ନାନାୟୁଧାନ୍ୱିତକରା ମହିଷାସୁରଘ୍ନୀ**
**ରକ୍ଷ ତ୍ୱମମ୍ବ ଭୁବନେ ବିଦିତେତି ଦୁର୍ଗା ।୪।**

ତୁମେ ରକ୍ତ ବର୍ଣ୍ଣା । ଉଦୟ ହେଉଥିବା ସୂର୍ଯ୍ୟ ଭଳି ତୁମର ଦେହ ଦୀପ୍ତିମାନ୍ । ତୁମେ ସିଂହପୃଷ୍ଠରେ ବିରାଜମାନା ତଥା ସମସ୍ତ ଦେବତାଙ୍କ ଦ୍ୱାରା ବନ୍ଦନୀୟା । ତୁମର ହାତରେ ନାନା ପ୍ରକାର ଅସ୍ତ୍ର ଶୋଭା ପାଏ ଏବଂ ତୁମେ ମହିଷାସୁରର ବଧକାରିଣୀ । ତୁମେ ସାରା ବିଶ୍ୱରେ ଦୁର୍ଗା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର ।

**ଗୌରୀ ତୁଷାରଧବଳାଚଳରାଜକନ୍ୟା**
**କାନ୍ତ୍ୟା ଶିରୀଷମୃଦୁଳା ସମୁଦାରଚିତ୍ତା ।**
**ଶର୍ବାୟ ଦୁର୍ବହତପଶ୍ଚରଣପ୍ରବୀଣା**
**ରକ୍ଷ ତ୍ୱମମ୍ବ ଭୁବନେ ବିଦିତେତ୍ୟପର୍ଣ୍ଣା ।୫।**

ତୁମେ ଗୌରବର୍ଣ୍ଣା ଏବଂ ହିମାଳୟ ପର୍ବତଙ୍କ ରାଜକୁମାରୀ । ତୁମର କାନ୍ତି ଶିରୀଷ ଫୁଲ ପରି କୋମଳ ଓ ତୁମେ ଅତ୍ୟନ୍ତ ଉଦାରହୃଦୟା । ଭଗବାନ୍ ଶିବଙ୍କୁ ପତିରୂପେ ପାଇବା ପାଇଁ ତୁମେ ଅତ୍ୟନ୍ତ କଠୋର ତପସ୍ୟା କରିବାରେ ନିପୁଣା। ତୁମେ ସାରା ବିଶ୍ୱରେ ଅପର୍ଣ୍ଣା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର ।

**ହୃଦ୍ୟା ହରିଦ୍ଦ୍ରବିଭା ପ୍ରକୃତିଃ ପ୍ରଶସ୍ୟା**
**ସ୍ଥିତ୍ୟୈ ସଦା ଜନିମତାମତିଯତ୍ନଶୀଳା ।**
**ଶାକମ୍ଭରୀତି ଭୁବନେ ବିଦିତା ବରେଣ୍ୟା**
**ରକ୍ଷ ତ୍ୱମମ୍ବ କୃପୟାଽଖିଳଲୋକପାଳା ।୬।**

ତୁମେ ମନୋଜ୍ଞା, ସବୁଜବର୍ଣ୍ଣିଳା, ପ୍ରଶଂସନୀୟା ପ୍ରକୃତିସ୍ୱରୂପା । ତୁମେ ସବୁବେଳେ ପ୍ରାଣୀମାନଙ୍କର ସ୍ଥିତି ଓ ଜୀବନ ପାଇଁ ଅତ୍ୟନ୍ତ ଯତ୍ନଶୀଳା । ତୁମେ ସାରା ବିଶ୍ୱରେ ଶାକମ୍ଭରୀ ନାମରେ ବିଦିତା ଓ ଶ୍ରେଷ୍ଠା । ତୁମେ ଦୟାଭାବରେ ସମସ୍ତଲୋକପାଳିକା। ହେ ମାତଃ ! ମୋତେ ରକ୍ଷା କର ।

**ସ୍ୱର୍ଣ୍ଣାଭବର୍ଣ୍ଣରୁଚିରା ବୃଷଭାନୁକନ୍ୟା**
**ରାସସ୍ଥଳୀଲଳିତକୁଞ୍ଜବିହାରମୁଗ୍ଧା ।**
**କୃଷ୍ଣାନୁରାଗରସରତ୍ନମୟାମ୍ବୁରାଶୀ**
**ରକ୍ଷ ତ୍ୱମମ୍ବ ଭୁବନେ ବିଦିତେତି ରାଧା ।୭।**

ତୁମେ ସୁବର୍ଣ୍ଣବର୍ଣ୍ଣା ଓ ବୃଷଭାନୁଙ୍କର କନ୍ୟା । ତୁମେ ରାସସ୍ଥଳୀର ସୁନ୍ଦରକୁଞ୍ଜବନରେ ବିହାରମୁଗ୍ଧା । ତୁମେ କୃଷ୍ଣଙ୍କ ପ୍ରତି ଅନୁରାଗରୂପକ ରସ ଓ ରତ୍ନର ମହାସାଗରତୁଲ୍ୟା । ତୁମେ ସାରା ବିଶ୍ୱରେ ରାଧା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର ।

**ସର୍ବାଘଭୂମିଧରଭେଦନବଜ୍ରରୂପା**
**ସର୍ବାସୁରାବ୍ଧିମଥନାଦ୍ଭୁତମନ୍ଦରାଭା ।**
**ସର୍ବାଦୃତା ସକଳବର୍ଣ୍ଣବିଭାତମୂର୍ତ୍ତୀ**
**ରକ୍ଷ ତ୍ୱମମ୍ବ ଶିବଦା ବିଦିତା ଶିବେତି ।୮।**

ତୁମେ ସମସ୍ତ ପାପରୂପୀ ପର୍ବତକୁ ଭେଦ କରିବାରେ ବଜ୍ରତୁଲ୍ୟା । ସମସ୍ତ ଅସୁର ରୂପୀ ସମୁଦ୍ରକୁ ମନ୍ଥନ କରିବା ପାଇଁ ଅଦ୍ଭୁତ ମନ୍ଦରପର୍ବତ ସଦୃଶା । ତୁମେ ସମସ୍ତଙ୍କ ଦ୍ୱାରା ଆଦୃତା ତଥା ସମସ୍ତ ରଙ୍ଗରେ ପ୍ରକାଶିତ-ମୂର୍ତ୍ତିମତୀ । ତୁମେ ଶୁଭ ପ୍ରଦାନକାରିଣୀ ଏବଂ ସାରା ବିଶ୍ୱରେ ଶିବା ନାମରେ ବିଦିତା । ହେ ମାତଃ ! ତୁମେ ମୋତେ ରକ୍ଷା କର।

**ପଦ୍ୟାଷ୍ଟକାନ୍ୱିତମିଦଂ ସ୍ତବନଂ ନବୀନଂ**
**ଶ୍ରୀକୃଷ୍ଣକେଶବକୃତଂ ସତତଂ ପଠେଦ୍ୟଃ ।**
**ତସ୍ୟ ପ୍ରସୀଦତି ଜଗଜ୍ଜନନୀ ଜନସ୍ୟ**
**ସ୍ୱାନୁଗ୍ରହେଣ ଭୁବି ତଂ ପରିପାତି ଚଣ୍ଡୀ ।ଭଣିତିଃ।**

ଶ୍ରୀକୃଷ୍ଣକେଶବଙ୍କ ଦ୍ୱାରା ରଚିତ ଏହି ଆଠଟି ପଦ୍ୟଯୁକ୍ତ ନୂତନ ସ୍ତୁତିକୁ ଯିଏ ନିତ୍ୟ ପାଠ କରନ୍ତି; ସେହି ବ୍ୟକ୍ତିଙ୍କ ଉପରେ ଜଗଜ୍ଜନନୀ ଚଣ୍ଡୀମାତା ପ୍ରସନ୍ନା ହୁଅନ୍ତି ଓ ନିଜର ଅନୁଗ୍ରହରେ ତାଙ୍କୁ ଭୂତଳେ ସର୍ବଦା ରକ୍ଷା କରନ୍ତି ।

# ଅହିଂସା ଜୀବନ ଧର୍ମଃ



ଡ଼ ସିପ୍ରା ମଲ୍ଲିକ
ପ୍ରାକ୍ତନ ବିଧାୟିକା, କେନ୍ଦ୍ରାପଡା
ଦୂରଭାଷା: ୯୯୩୭୭୭୪୨୨୧

ସମସ୍ତ ମାନବୀୟ ଗୁଣ ମଧ୍ୟରେ ଅହିଂସା ସର୍ବୋତ୍ତମ। ଭାରତୀୟ ଇତିହାସରେ ଶ୍ରେଷ୍ଠ ତଥା ସର୍ବାଧିକ ଚର୍ଚ୍ଚିତ, ଆଚରିତ ଓ ଅନୁସରିତ ଅହିଂସା। ଭାରତୀୟ ଧର୍ମ ଧାରଣାରେ 'ସତ୍ୟ' ହିଁ ସାକ୍ଷାତ ଈଶ୍ୱର ରୂପେ ବିବେଚନା କରାଯାଏ ଏବଂ 'ସତ୍ୟ' ର ଉପଲବ୍ଧି ବା ଈଶ୍ୱରପ୍ରାପ୍ତିପାଇଁ ସର୍ବୋତ୍କୃଷ୍ଟ ମାର୍ଗ ହିଁ ଅହିଂସା। ଅହିଂସା ବିନମ୍ରତାର ଚରମସ୍ଥିତି। ଆତ୍ମଶୁଦ୍ଧି ଓ ଆତ୍ମଶକ୍ତି ବିନା ଅହିଂସା ଆଚରଣ ଏକ ଦିବାସ୍ୱପ୍ନ ମାତ୍ର। ମନୁଷ୍ୟ, ପ୍ରକୃତି, ପରିବେଶ ପଶୁପକ୍ଷୀ, ପ୍ରାଣୀଜଗତ, ସମଗ୍ର ସୃଷ୍ଟି ପ୍ରତି ପ୍ରଗାଢ ପ୍ରେମ ହିଁ ଅହିଂସାର ଆଧାର। କାହା ପ୍ରତି ଦ୍ରୋହ ବା ଦ୍ୱେଷ ଆଚରଣ ନ କରି କେବଳ ସୁଖ ପ୍ରଦାନର ପ୍ରୟାସ ହିଁ ଅହିଂସାର ପ୍ରୟୋଗ। ଋକବେଦ ଉଦ୍ଘୋଷଣା କରେ ''ବିଶ୍ୱଦେବସ୍'' ବା ଦେବଗଣଙ୍କ ସ୍ୱଭାବ ମଧ୍ୟ ''ଅଦ୍ରୁହଃ'' ବା ଦ୍ରୋହରହିତ, ଦ୍ୱେଷରହିତ ''ହିଂସାଶୂନ୍ୟ''।

''ବିଶ୍ୱେ ଦେବାସୋ ଅସ୍ରିଧ
ଏହି ମାୟାସୋ ଅଦ୍ରୁହଃ ମେଧଂ
ଜୁଷନ୍ତ ବହ୍ନୟଃ''
(ଋକବେଦ, ତୃତୀୟସୁକ୍ତ, ୯ ମନ୍ତ୍ର,)

ପ୍ରାକ ଐତିହାସିକ ଯୁଗରୁ ପ୍ରାଚୀନ ମାନବ ଭିତରେ ଦୁଇଟି ପ୍ରାକୃତିକ ପ୍ରବୃତ୍ତି ହିଂସା ଓ ଅହିଂସା 'ସ୍ୱଭାବ' ଭାବେ ବିଦ୍ୟମାନ ଥିଲା। ପାହାଡ, ପର୍ବତ, ଅରଣ୍ୟରେ ଯାଯାବର ଜୀବନ ବିତଉଥିବା ସମୟରେ ସ୍ୱାଭାବିକ ଭାବେ ହିଂସା ଓ ଅହିଂସା ଆଚରଣ କରି ପରିବେଶ, ପ୍ରକୃତି ଓ ଜୀବନର ସୁରକ୍ଷା କରୁଥିଲା ଆଦି ମାନବ। କୃଷିକର୍ମ କରି ସ୍ଥାୟୀ ବସତି ସ୍ଥାପନ ପରେ ସଭ୍ୟତା, ସମାଜ, ସଂସ୍କୃତି ଆଦି ମାଧ୍ୟମରେ ତା'ର ଜୀବନଶୈଳୀ ପରିବର୍ତ୍ତିତ ହୋଇଛି । ହୁଏତ ହିଂସାର ମାତ୍ରା ବୃଦ୍ଧି ପାଇଛି ଜୀବନରେ ପରସ୍ପର ଦ୍ୱେଷ, ଦ୍ରୋହ ବା ଯୁଦ୍ଧ ଇତ୍ୟାଦି ଦ୍ୱାରା। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ 'ଅହିଂସା'ର ମନ୍ତ୍ର ପ୍ରସାରିତ ହେଇଛି 'ଧର୍ମ' ମାଧ୍ୟମରେ ।

''ମା ବୋ ଘ୍ନତମ୍ ମା ସପ୍ତଂ ପ୍ରତି ,
ଭୋସେ ଦେବ ଯନ୍ତଂ ''
(ଋଗବେଦ, ୪,୧,୫, ସୂକ୍ତ)
''ହିଂସା ବଦଳରେ ହିଂସା ,
ଅଭିଶାପ ବଦଳରେ ଅପଶବ୍ଦ ,
ଷଡଯନ୍ତ୍ର ବଦଳରେ ଚକ୍ରାନ୍ତ କରନାହିଁ,
ବଂର ଶୁଭାଶୀଷ ପ୍ରାଦାନ କର''....
୧

ଯଜ୍ଞରେ ''ଅହିଂସା' ର ଆବଶ୍ୟକତା ଉପରେ ବ୍ରାହ୍ମଣ ଗ୍ରନ୍ଥଗୁଡିକରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । (୩,୭,୯୮,-ତୈତିରୀୟ ବ୍ରାହ୍ମଣ) ଉପନିଷଦ୍ କାଳରେ ସତ୍ୟ ଓ ଅହିଂସା ଉଭୟକୁ ପରସ୍ପର ପରିପୂରକ ଭାବେ ଗ୍ରହଣ କରାଯାଇଛି । (୧୩ ,୧୭, ୪, ୮,୧୫,୧ ଛାନ୍ଦୋଗ୍ୟ ଉପନିଷଦ୍) ବୃହଦ୍ ଆରଣ୍ୟକ ଉପନିଷଦ)। ବୃହଦ୍ ଆରଣ୍ୟକ ଉପନିଷଦରେ ''କରୁଣା'' ଅହିଂସାର ପରିଣିତି ବା ପରିମାଣ ଭାବେ ଗ୍ରହଣ କରାଯାଇଛି (୫,୨,୩- ବୃହଦ୍ ଆରଣ୍ୟକ ଉପନିଷଦ) ଭାରତୀୟ ଧର୍ମଶାସ୍ତ୍ର ପୁରାଣ 'ପୃଷ୍ଠାରେ ଅହିଂସା ବିଶେଷ ସ୍ଥାନ ଅଧିକାର କରେ। ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟପୁରାଣରେ ଅହିଂସା ''ସନାତନ ଧର୍ମ'' ଭାବେ ଅଭିହିତ ଓ ପ୍ରଶଂସିତ। ଏପରିକି ପତଞ୍ଜଳି ଯୋଗ ସୂତ୍ରରେ ମଧ୍ୟ ଅହିଂସା ଶ୍ରେଷ୍ଠ ନିୟମ ଭାବେ ପରିଗଣିତ ଏବଂ (୨.୩୦)ପ୍ରତ୍ୟେକ ଯୋଗ ଶିକ୍ଷାର୍ଥୀ ଏହି ନିୟମକୁ ଜୀବନ ଧାରଣା କର୍ମରେ ପ୍ରୟୋଗ କରିବା ଉଚିତ୍ । ଅତଏବ ପ୍ରାୟ ଖ୍ରୀପୂ ପଞ୍ଚମ ଶତାବ୍ଦୀରେ ଭାରତୀୟ ପ୍ରାଚୀନ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ ଯେଉଁ ସମୟରେ ଉତ୍ତର ବୈଦିକ ସଭ୍ୟତା ଏକ ବିଶେଷ ସମୟ ଦେଇ ଗତି କରୁଥିଲା, ଯେଉଁ ସମୟରେ ଯାଯାବର, ପଶୁପାଳକ କୃଷକ ଜୀବନଶୈଳୀରୁ ଜନପଦ, ଜୀବନକୁ ରୂପାନ୍ତରିତ ହେଉଥିଲା, ସେ ସମୟରେ କେବଳ କର୍ମକାଣ୍ଡ ନୁହେଁ ପରମଜ୍ଞାନର ଧାରା ପ୍ରବାହିତ ହେଉଥିଲା। କେବଳ ଧାର୍ମିକ ନୁହେଁ ସାମାଜିକ, ରାଜନୈତିକ, ଅର୍ଥନୈତିକ ଅଭ୍ୟୁଦୟ ସଂଘଟିତ ହେଉଥିବା ବେଳେ ସାଧାରଣ ଜନତାର ସ୍ୱର ଶାଣିତ ହୋଇଥିଲା ବୈଦିକ କର୍ମକାଣ୍ଡ, ଯଜ୍ଞରେ ହିଂସାର ଚରମସୀମା, ପଶୁବଳି, ମେଧଯଜ୍ଞ, ଚର୍ତ୍ତୁଃବର୍ଣ୍ଣ ବ୍ୟବସ୍ଥା, ଏସବୁର ବିରୁଦ୍ଧରେ। ଏବଂ ଏହି ଅସନ୍ତୋଷର ଅଗ୍ନି ମଧ୍ୟରୁ ସୃଷ୍ଟି ହୋଇଥିଲା ଅନେକ ନୂତନ ଚିନ୍ତାଧାରା ଯାହା ପରବର୍ତ୍ତୀ ସମୟରେ ଜୈନଧର୍ମ ଓ ବୌଦ୍ଧଧର୍ମ ରୂପେ ପ୍ରସିଦ୍ଧି ଲାଭ କଲା।



ଉତ୍ତର ବୈଦିକ ଯୁଗର ଚରମ ହିଂସା' ବିରୁଦ୍ଧରେ ଜୈନଧର୍ମର ଚରମ ଅହିଂସା ବା ସଂପୂର୍ଣ୍ଣ ଅହିଂସାର ସୃଷ୍ଟି । ନିଜକୁ ଅସୀମ କଷ୍ଟ ଦେଇ ଅହିଂସା ପାଳନ କରିବା ଏବଂ କୌଣସି ପ୍ରାଣୀ ପ୍ରତି 'ପ୍ରତି ହିଂସାର ଆଚରଣ କରିବା ନାହିଁ ଏକଥା ମହାବୀର ତାଙ୍କ ଉପଦେଶରେ ଉଦ୍ଘୋଷଣା କରିଛନ୍ତି। ନିଜକୁ ଅସୀମ କଷ୍ଟ ଦେଇ ସଂପୂର୍ଣ୍ଣ ଅହିଂସାର ପାଳନ କରିବା ଅତ୍ୟନ୍ତ ପୀଡାଦାୟୀ ଥିଲା। ଏହି ପରିସ୍ଥିତିରେ ବୌଦ୍ଧଧର୍ମର ଉଦ୍ଭାବ ଯାହା ମାନବ ଜୀବନର ହିଂସା ମଧ୍ୟରେ ସେତୁ ବୁଦ୍ଧଙ୍କର ଅଷ୍ଟାଙ୍ଗ ମାର୍ଗ ଅବଲମ୍ବନ କରୁଥିବା ବୌଦ୍ଧମାନେ ଏକ ପରମିତ ଜୀବନ ବଞ୍ଚୁଥିଲେ। ଅତଏବ ଲୋଭ, ମୋହ ଶୋଷଣରୁ କ୍ଷାନ୍ତ ରହୁଥିଲେ। ତାହା ହିଁ ଅହିଂସାର ଜୀବନ ଥିଲା । ପ୍ରାଚୀନ ଭାରତ ଅହିଂସାର ଅନେକ ପ୍ରୟୋଗର ସାକ୍ଷୀ । ଜୀବନରେ ହିଂସାର ସମ୍ୟକ ପ୍ରୟୋଗ ପାଇଁ 'ଧର୍ମ ହିଁ ପ୍ରମୁଖ ମାଧ୍ୟମ ସାଜିଛି । ବୁଦ୍ଧଙ୍କ ପରି ଗାନ୍ଧିଙ୍କ ସତ୍ୟ ଏବଂ ଅହିଂସା ଉପରେ ଅଖଣ୍ଡ ବିଶ୍ୱାସ ଥିଲା।

ଆଧୁନିକ ବିଶ୍ୱରେ ସତ୍ୟ ଓ ଅହିଂସାର ପ୍ରବର୍ତ୍ତକ ଭାବେ ସର୍ବାଗ୍ରେ ଆସେ ମାହାତ୍ମା ଗାନ୍ଧୀଙ୍କର ନାମ। ବିଶ୍ୱକୁ ସତ୍ୟ ଉପରେ ପ୍ରତିଷ୍ଠିତ ରାଜନୀତି ଓ ଅହିଂସା ଆଧାରିତ ରଣନୀତି, ଉଭୟ ଗାନ୍ଧିଜୀଙ୍କର ଅବଦାନ । ଗାନ୍ଧିଜୀଙ୍କ ଜୀବନହିଁ ଉଦାହରଣ ପ୍ରେମ ଓ ଅହିଂସାର । ତାଙ୍କର ଜୀବନ ଥିଲା ସତ୍ୟର ପ୍ରୟୋଗଶାଳା। ସତ୍ୟ ଓ ଅହିଂସାକୁ ମନ ବଚନ ଓ କାର୍ଯ୍ୟରେ ପ୍ରୟୋଗ କରିଥିଲେ ଗାନ୍ଧିଜୀ। "ବସୁଧୈବ କୁଟୁମ୍ବକମ୍" ଏହି ପ୍ରସିଦ୍ଧ ମନ୍ତ୍ରକୁ ଗାନ୍ଧିଜୀ ଶକ୍ତି ଭାବରେ ପ୍ରୟୋଗ କରିଥିଲେ। ଜାତି, ଦେଶ, ବର୍ଣ୍ଣର ସୀମା ପାର କରି ପ୍ରତ୍ୟେକ ମଣିଷକୁ ଭଲପାଇବା ହିଁ ଅହିଂସା ଓ ସତ୍ୟାଗ୍ରହ। ଦକ୍ଷିଣ ଆଫ୍ରିକା ତଥା ଭାରତ ବର୍ଷରେ ଇଂଗ୍ରେଜମାନଙ୍କୁ ଗାନ୍ଧିଜୀ ଅହିଂସା ଓ ପ୍ରେମ ବଳରେ ହିଁ ଜୟ କରିପାରିଥିଲେ। ଗାନ୍ଧିଜୀଙ୍କ ଅନୁସାରେ "A system that is born in violence will end in violence" ଅର୍ଥାତ୍ ଶାସନରେ ହିଂସା ଆଚରଣ କଲେ ତାର ପ୍ରତିକ୍ରିୟା ମଧ୍ୟ ହିଂସକ ହେବ । ସାଧନ ଯଦି ସତ୍ୟ ଓ ଅହିଂସା ହୁଏ, ତେବେ ସାଧ୍ୟ ବି ସୁନ୍ଦର ଏବଂ ଅହିଂସା ହୋଇପାରିବ।

ଗାନ୍ଧିଜୀଙ୍କର ସମସ୍ତ ଜନ ଆନ୍ଦୋଳନ ଅହିଂସା ଆଧାରିତ ଥିଲା। ତନ୍ମଧ୍ୟରୁ ତିନୋଟି ଜନ ଆନ୍ଦୋଳନ, ୧୯୨୦ ରୁ ୧୯୨୨ ଅସହଯୋଗ ଆନ୍ଦୋଳନ, ୧୯୩୧ ରୁ ୧୯୩୨ ଆଇନୀ ଅମାନ୍ୟ ଆନ୍ଦୋଳନ ଏବଂ ୧୯୪୨ ରେ ଭାରତ ଛାଡ ଆନ୍ଦୋଳନ। ଅହିଂସାର ଅଗ୍ନିପରୀକ୍ଷା ଥିଲା । କଂଗ୍ରେସ୍ର ବିଶେଷ ଅଧିବେଶନ ୧୯୨୦ ସେପ୍ଟେମ୍ବର ମାସରେ କଲିକତାରେ ବସିଥିବାବେଳେ ଅସହଯୋଗ ଆନ୍ଦୋଳନ ଅହିଂସା ସହ ପାଳନ କରିବାକୁ ଆହ୍ୱାନ ଦେଲେ ଗାନ୍ଧିଜୀ । ଅହିଂସାର ଶକ୍ତିକୁ ବୁଝାଇବାକୁ ଯାଇ ବାପୁଜୀ କାହିଲେ "ଅହିଂସା ହିଂସାଠାରୁ ଅସଂଖ୍ୟ ଗୁଣ ଶକ୍ତିଶାଳୀ ମୁଁ ଭାରତବର୍ଷର ଶକ୍ତିକୁ ମହତ୍ତର ଲକ୍ଷ୍ୟ ପୂରଣରେ ନିୟୋଜିତ କରିବାକୁ ଚାହେଁ । ଆମ ହୃଦୟରୁ ଆସୁଥିବା କ୍ଷମା ଆମ ଅର୍ନ୍ତଶକ୍ତିର ପରିଚୟ ଦେବ । ଉଦାର କ୍ଷମା ଆମ ଭିତରେ ଶକ୍ତିର ତରଙ୍ଗ ସୃଷ୍ଟି କରିବ। 'ଜଗତ'କୁ ବହୁ ମୂଲ୍ୟବାନ ଅବଦାନ ଦେଇ ପାରିବ ।"

ଗାନ୍ଧୀଜୀ ଅନୁଭବ କରୁଥିଲେ ଯଦି ଅହିଂସାର ମାର୍ଗରେ ଦେଶକୁ ଆଗେଇ ନ ନିଅନ୍ତି ତେବେ ଚର୍ତ୍ତୁଦିଗରେ ହିଂସାକାଣ୍ଡ ଘଟାଇବାକୁ ହିଂସାବାଦୀମାନେ ଅପେକ୍ଷା କରି ରହିଛନ୍ତି । ଭାରତ ବର୍ଷର ନିରନ୍ନ ନିରକ୍ଷର, ଅବହେଳିତ ଜନତା ପ୍ରଥମେ ଗାନ୍ଧୀଜୀଙ୍କ ସମର୍ଥନରେ ଠିଆ ହେଲେ ଓ ସହଯୋଗ କଲେ, ଗାନ୍ଧୀଙ୍କର ଅସହଯୋଗ- ଅହିଂସା ଯୁଦ୍ଧର ସୈନିକମାନେ ପ୍ରସ୍ତୁତ ହୋଇଗଲେ। ଭାରତୀୟ ଜନ ସମୁଦାୟଙ୍କର ଅକୁଣ୍ଠ ସମର୍ଥନ ଦେଖି ନେତାମାନେ ମଧ୍ୟ ସହଯୋଗର ହାତ ବଢେଇବାକୁ ବାଧ୍ୟ ହେଲେ। ଦଳିତ, ଆଦିବାସୀ, ମହିଳା, ମୁସଲମାନ ସମୁଦାୟ ଜନଶକ୍ତିକୁ ପ୍ରସ୍ତୁତ କେଲେ ଗାନ୍ଧୀଜୀ । ବାର୍ଦ୍ଦୋଲୀର ୪ ହଜାର ନରନାରୀ ଅହିଂସାଭାବେ ଆଇନ ଅମାନ୍ୟ କରିବାକୁ ଶପଥ ନେଲେ। ୧୯୨୨ ଫେବୃୟାରୀ ୫ ତାରିଖରେ 'ଚୈରୀ ଚୈରା' ଠାରେ ଯେଉଁ ଅଭାବନୀୟ ଘଟଣା ଘଟିଲା ସେଥିପାଇଁ ସ୍ଥଗିତ ରହିଲା ଆନ୍ଦୋଳନ ଓ ଅନଶନରେ ବସିଲେ ଗାନ୍ଧୀଜୀ । ଅସହଯୋଗ ଆନ୍ଦୋଳନକୁ ଅହିଂସା ମାର୍ଗରେ ପରିଚାଳିତ କଲାପରି ସାମର୍ଥ୍ୟ ଓ ଶୃଙ୍ଖଳା କଂଗ୍ରେସ ଦଳର ନଥିଲା ବୋଲି ସେ ବୁଝି ପାରିଲେ। ଏଥିପାଇଁ କଠୋର ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସ୍ଥିର କଲେ ଗାନ୍ଧୀଜୀ। ପୁନଶ୍ଚ ୧୯୨୮ ଫେବୃୟାରୀରୁ ବାର୍ଦ୍ଦୋଲୀ ଆନ୍ଦୋଳନ ଆରମ୍ଭ ହେଲା । ୮୮ ହଜାର କୃଷକ ଅହିଂସ ଭାବେ ସବୁ ଦମନ ସହ୍ୟ କରିଥିଲେ । ଠିକ୍ ସେହିପରି ଲବଣ ସତ୍ୟାଗ୍ରହରେ 'ଲୁଣ ମାରିବା' ମାଧ୍ୟମରେ ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରବଳ ଜନ ଆନ୍ଦୋଳନ କରାଗଲେ ଏହା ଅହିଂସାର ଆଉ ଏକ ଅଗ୍ନି ପରୀକ୍ଷା। ପୋଲିସର ମରଣାନ୍ତକ ଆକ୍ରମଣର ସାମ୍ନା ଜନତା ଅହିଂସା ଭାବେ କରିଲେ । ନିରସ୍ତ୍ର ସତ୍ୟାଗ୍ରହୀଙ୍କ ଉପରେ ନିର୍ମମ ପ୍ରହାର ଚାଲିଥିବାବେଳେ ନାରା ଥିଲା-

"ହାମ୍ଲା ଚାହେ ଯୈସା ହୋଗା, ହାତ୍ ହମାରା ନେହିଁ ଉଠେଗା"

ନାରା ଭିତରେ ଭିତରେ ପ୍ରଚଣ୍ଡ ହିଂସାର ସମ୍ମୁଖରେ ଚରମ ଅହିଂସା ଦୃଢ଼ ଭାବେ ଦଣ୍ଡାୟମାନ ହେଲା । ଓଡିଶାରେ ଉତ୍କଳମଣି ଗୋପବନ୍ଧୁ ନେତୃତ୍ୱ ନେଇଥାନ୍ତି । କୁଜଙ୍ଗ ରାଣୀ ମଧ୍ୟ କାଳିଆପାଟ ଠାରେ ଲୁଣ ମାରିବାକୁ ଆସିଥିଲେ। ଗାନ୍ଧୀଜୀଙ୍କ ଅହିଂସା ୪ଟି ଦୃଢ଼ ସ୍ତମ୍ଭ ଉପରେ ଆଧାରିତ-ସତ୍ୟ, ଆନ୍ତରିକ-ପବିତ୍ରତା, ଉପବାସ ବ୍ରତ ଓ ନିର୍ଭିକତା। ଅହିଂସା ଏପରି ଏକ ଅତୁଳନୀୟ ଉଚ୍ଚତମ ଆତ୍ମଶକ୍ତି ଯାହା ବିଶ୍ୱରେ ପ୍ରବର୍ତ୍ତିତ ହେଲେ ପୃଥିବୀ ମଧ୍ୟ ରୂପାନ୍ତରିତ ହୋଇପାରିବ। ଉତ୍କଳ ପ୍ରଦେଶ ଗଠନପାଇଁ ଭାଷାଭିତ୍ତିକ ଆନ୍ଦୋଳନ ପଛରେ ବି ଅହିଂସା, ସତ୍ୟ, ତ୍ୟାଗ ହିଁ କାର୍ଯ୍ୟ କରିଛି । ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡୋଶୀ ରାଜ୍ୟର ନେତାମାନଙ୍କ ହୃଦୟକୁ ପରିବର୍ତ୍ତିତ କରି 'ଅଖଣ୍ଡ ଓଡିଶାର ସ୍ୱପ୍ନକୁ ସାକାର କରାଯାଇପାରିଥିଲା। ଗାନ୍ଧୀ, ଗୋପବନ୍ଧୁ, ନେହେରୁ ଆଦି ନେତୃବୃନ୍ଦ ଓଡିଶାର ଦାବୀକୁ ସମର୍ଥନ କଲେ। ବ୍ୟାସକବି ଫକିରମୋହନଙ୍କ ସାହିତ୍ୟ ମାଧ୍ୟମରେ ଓଡିଶା ଭାଷାର ପୁର୍ନଜାଗରଣ ମଧ୍ୟ ବହୁ ଭାବେ ସହାୟ ହେଲା ଓଡିଶା ରାଜ୍ୟ ଗଠନରେ ।

ଋଷିପ୍ରାଣ ବିନୋବା ଭାବେଙ୍କର 'ଭୂଦାନ' ଆନ୍ଦୋଳନ ଅନ୍ୟ ଏକ ଉଦାହରଣ। ଏହି ଆନ୍ଦୋଳନଦ୍ୱାରା ପ୍ରାୟ ୪୦ ଲକ୍ଷ ଏକର ଜମି ଭୂଦାନ କରିବାକୁ ସମକ୍ଷ ହୋଇପାରିଥିଲେ ଯାହା ଦଳିତ, ଭୂମିହୀନ, ବାସହୀନ, ଜନତାଙ୍କ ମଧ୍ୟରେ ବଣ୍ଟନ କରାଯାଇ ପାରିଥିଲା । ଓଡିଶାର ପ୍ରାୟ ୨ ଲକ୍ଷ ଏକର ଜମି 'ଭୂଦାନ' ରେ ଅର୍ନ୍ତଭୁକ୍ତ ହୋଇପାରିଥିଲା । ସାମାଜିକ ଅହିଂସାର ଏହା ଏକ ଉଦାହରଣ । ପ୍ରଗାଢ ପ୍ରେମ, ଅହିଂସା ଓ ଆସ୍ଥାର ଆଉ ଏକ ବିଶେଷ ଘଟଣା 'ଚମ୍ବଲ'ର ଦସ୍ୟୁମାନଙ୍କର ଆତ୍ମସମର୍ପଣ। ୧୯୭୧ରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ କି ମୋହିନୀ ଶକ୍ତି ଥିଲା ଯାହା ଦସ୍ୟୁମାନଙ୍କ ହୃଦୟ ପରିବର୍ତ୍ତନ କରିପାରିଥିଲା। ମହିଳା ପ୍ରତିନିଧି ଭାବେ ଓଡିଶାର ଅନ୍ନପୂର୍ଣ୍ଣା ମହାରଣା ଓ ବୈଦେହୀ ପଣ୍ଡା ସ୍ୱାଧୀନତା ସଂଗ୍ରାମୀମାନେ ଏହି ଅଭିଯାନରେ ସାମିଲ ଥିଲେ, ଅହିଂସାର କି ଶକ୍ତି ଯାହା ଦସ୍ୟୁ ହୃଦୟର ରୂପାନ୍ତରଣ କରିପାରେ ।

୨୦୧୯ ରେ ମହାତ୍ମା ଗାନ୍ଧୀଙ୍କର ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଜାତୀୟ ସମିତି ବୈଠକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠାଇଲେ ଅହିଂସା ପ୍ରସଙ୍ଗ । "ଅହିଂସା" ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନୀତ କରିବାପାଇଁ ଅକାଟ୍ୟ ଯୁକ୍ତି ଉପସ୍ଥାପନା କରିଥିଲେ। ଦାରିଦ୍ର୍ୟ ଓ ସାମାଜିକ ଅନ୍ୟାୟ (Social injustice) ହିଁ ସବୁଠାରୁ ବଡ ହିଂସା। ଯେ ପର୍ଯ୍ୟନ୍ତ ଦେଶରେ ଦାରିଦ୍ର୍ୟ ରହିଛି ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ତେଣୁ ଦାରିଦ୍ର୍ୟ ଦୂରୀକରଣ ତଥା ସାମାଜିକ ନ୍ୟାୟ ପ୍ରଦାନ ସରକାରଙ୍କର ଗୁରୁଦାୟିତ୍ୱ । ଏହା ଅହିଂସା ବିନା ସମ୍ଭବ ନୁହେଁ । ବିକାଶ ନିମନ୍ତେ ଶାନ୍ତି ଓ ଅହିଂସା ଏକାନ୍ତ ଆବଶ୍ୟକ । ଯେଉଁମାନେ ସମାଜକୁ ଜାତି, ଧର୍ମ, ଶ୍ରେଣୀ ନାମରେ ବିଭାଜିତ କରୁଛନ୍ତି ସେମାନଙ୍କୁ ପରାସ୍ତ କରିବାକୁ ହେବ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦ ସ୍ଥାନିତ କରାଗଲେ ତାହା ହିଁ ହେବ ଗାନ୍ଧିଜୀଙ୍କପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଜାତୀୟ ସଂହତି, ପାରସ୍ପରିକ ବିଦ୍ୱେଷ, ତଥା ଜାତି ଓ ଧର୍ମକୁ ନେଇ ରାଜନୀତି ଏବଂ ରାଜନୈତିକ ଅସହିଷ୍ଣୁତା, ସାଂପ୍ରତିକ ରାଜନୈତିକ ପରିବେଶକୁ କଳୁଷିତ କରୁଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଶାନ୍ତି ଓ ସଭାବନା କ୍ଷେତ୍ରରେ ଓଡିଶାର ଚିତ୍ରକୁ ଅଧିକ ବଳିଷ୍ଠ ତଥା ଉଦ୍ଦୀପ୍ତ କରୁଛି । ଦେଶର ସମ୍ବିଧାନରେ ଅହିଂସା ଶବ୍ଦ ହିଁ ଆମର ମୂଳ ସ୍ୱରୂପକୁ ଜାତିସଂଘ ମଧ୍ୟ ପ୍ରକାଶିତ କରିବ । ସମଗ୍ର ବିଶ୍ୱପାଇଁ ଅହିଂସା ଅପରିହାର୍ଯ୍ୟ ଜାଣି ଅକ୍ଟୋବର ୯ ତାରିଖକୁ "ଆର୍ନ୍ତଜାତୀୟ ଅହିଂସା ଦିବସ ଭାବେ ଜାତିସଂଘ ଘୋଷଣା କରିଛି।

ଆଜି ବିଶ୍ୱ ସମ୍ମୁଖରେ ବହୁତ ବଡ଼ ପ୍ରଶ୍ନ ଏ ମନୁଷ୍ୟ ସମାଜ ତିଷ୍ଠି ରହିପାରିବ କି ନାହିଁ । ଯେଉଁପରି ଭାବେ ହିଂସା, ଯୁଦ୍ଧର ଘନଘଟା, ନୃଶଂସତା ବିଶ୍ୱକୁ କବଳିତ କରିଛି, ପ୍ରତିଦିନ ହଜାର ହଜାର ନିରୀହ ଶିଶୁ, ମହିଳା, ଜନତା ହିଂସାର ଶିକାର ହେଉଛନ୍ତି । ତାହା ୟୁକ୍ରେନ୍ ହେଉ ବା ଗାଜାଷ୍ଟ୍ରିପ୍ ହେଉ ନାଇଜିରିଆ ହେଉ ବା ଲେବାନନ୍। ରାଜନୀତି ପାଇଁ ଆଚରିତ ହେଉଥିବା ହିଂସାର ଅଗ୍ନିରେ ଜଳୁଛି ସମଗ୍ର ବିଶ୍ୱ । ମାନବ ଜାତି, ମନୁଷ୍ୟ ଜୀବନ ହିଁ ବିପଦଗ୍ରସ୍ତ ।

ସମଗ୍ର ମାନବ ଜାତିର ଭବିଷ୍ୟତପାଇଁ ସାଂପ୍ରତିକ ବିଶ୍ୱ ଏକ ଅହିଂସା ଆଧାରିତ ସମାଧାନ ଆବଶ୍ୟକ କରେ। ୟୁକ୍ରେନଠାରେ ଅମାନବୀୟତା, ନୃଶଂସତା, ରକ୍ତପାତ ତଥା Pshychological Trauma ପାଇଁ ତୁରନ୍ତ ସମାଧାନ ଅହିଂସା ହିଁ ଦେଇପାରିବ । ପୃଥିବୀର ସୁରକ୍ଷାପାଇଁ ମଣିଷ ସମାଜର ସ୍ଥିତି ରକ୍ଷା ପାଇଁ "ଅହିଂସା ହିଁ ଏକ ମାତ୍ର ମାର୍ଗ" । "ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।"

ସମଗ୍ର ମାନବ ଜାତି ଏକ "ଦ୍ୱିଧା"ରେ, ଦୋଛକିରେ ଦଣ୍ଡାୟମାନ । ଫେରିବାର ବାଟ ନାହିଁ। ବିନାଶର ଦ୍ୱାର ଦେଶରେ ଉପନୀତ। କେବଳ ଜାତି-ଜାତି, ଧର୍ମ-ଧର୍ମ , ପ୍ରାନ୍ତ-ପ୍ରାନ୍ତକୁ ନେଇ ବିଦ୍ୱେଷ ନାଁ ପ୍ରକୃତି, ପରିବେଶ , ପ୍ରାଣୀ ଜଗତ, ପଞ୍ଚଭୂତ ସମସ୍ତେ ଆଜି ମଣିଷର ହିଂସା, ବିନାଶକ ଆଚରଣରେ ଅର୍ନ୍ତଭୁକ୍ତ । ବିକାଶ ନାମରେ ବିନାଶର ମାର୍ଗର ପଥିକ ଏ ବିଶ୍ୱ । ପାହାଡ, ପର୍ବତ, ନଦୀ, ଝରଣା, ଅରଣ୍ୟ, ସମୁଦ୍ର କେହି ମଧ୍ୟ ପ୍ରଦୂଷଣ ତଥା ମଣିଷର ହିଂସାତ୍ମକ ଆଚରଣର ବାହାରେ ନାହାନ୍ତି । ରାସ୍ତା ପ୍ରଶସ୍ତପାଇଁ ହିମାଳୟର ବୁକୁ ଚିରି 'ଟନେଲ୍' ରାସ୍ତା ନିର୍ମିତ ହେଉଛି। ଖଣି ଖନନ ହେତୁ ପୃଥିବୀ ଶୂନ୍ୟଗର୍ଭା। ଅରଣ୍ୟ ବୃକ୍ଷ ଶୂନ୍ୟ। ନଦୀ ଜଳ ପ୍ରଦୂଷିତ (climate change)ଜଳବାୟୁ ପରିବର୍ତ୍ତନ ଆମକୁ ଧ୍ୱଂସ ଆଡକୁ ନେଉଛି । ପ୍ରକୃତି ଓ ପରିବେଶ ଯାହା ଏ ସୃଷ୍ଟିର ଆଧାର ସ୍ୱରୂପ ସେ ମଧ୍ୟ 'ସୁରକ୍ଷା'ର ଅପେକ୍ଷା ରଖେ। 'ଅହିଂସା' କେବଳ ଏକ ଆଧ୍ୟାତ୍ମିକ , ଧାର୍ମିକ ବା ଦାର୍ଶନିକ ସିଦ୍ଧାନ୍ତ ନୁହେଁ, ଏହା ଏକ ସାମଜିକ ତଥା ପ୍ରାକୃତିକ ସିଦ୍ଧାନ୍ତ ମଧ୍ୟ। ଯେଉଁ ପଞ୍ଚତତ୍ତ୍ୱର ସନ୍ତୁଳନ ହେତୁ ସୃଷ୍ଟି ସମ୍ଭବ ସେଇ ଆକାଶ, ଅଗ୍ନି, ବାୟୁ, ଜଳ, ପୃଥିବୀ ପ୍ରତି ଅହିଂସା ଆଚରଣ ଏକାନ୍ତ ଜରୁରୀ। ଆମର ପ୍ରାକୃତିକ ସମ୍ପଦ ଯଥା- ସୌର ଶକ୍ତି, ପବନ ଶକ୍ତି, ଜଳବିଦ୍ୟୁତ ଶକ୍ତି, ନଦୀନଦ, ଜଳଉତ୍ସ, ଅରଣ୍ୟ ସମ୍ପଦ, ଖଣିଜ ସମ୍ପଦ ଆଦି ପାଇଁ ଆମର ଚିନ୍ତନ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରୀ । ବିକାଶର ମୂଳ ଆଧାର 'ନିରନ୍ତର ବିକାଶ' ହେବା ଉଚିତ୍।

Rio-De-Janeiro Earth summit ୧୯୯୨ ୩ ଜୁନ୍ ୧୪ ୧୯୯୨ରେ ନିରନ୍ତର ବିକାଶର ମୁଖ୍ୟ ଶିଳ୍ପକାର ଜଣେ ମହିଳା ନରୱେର ପ୍ରଧାନମନ୍ତ୍ରୀ Gro harlen Brandtland . ସେ ବାର୍ତ୍ତା ଦେଲେ "ବିକାଶ" ଏପରି କରାଯାଉ ଯେଉଁଥିରେ ପରିବେଶ, ପ୍ରକୃତି, ପ୍ରାଣୀଜଗତର ସନ୍ତୁଳନ ସୁରକ୍ଷା ବଜାୟ ରହିବ, ଭବିଷ୍ୟତ ପୀଢି ଆମର ପ୍ରାକୃତିକ ସମ୍ପଦ ତଥା ଜଳ, ଜମି ଜଙ୍ଗଲ, ଖଣିଜ ସମ୍ପଦରୁ ବଞ୍ଚିତ ରହି ନ ଯାଆନ୍ତୁ । ଜନସଂଖ୍ୟା ବିସ୍ଫୋରଣ, ଦ୍ରୁତ ଶିଳ୍ପାୟନ, ସହରୀକରଣ ଆମର ପରିବେଶର ସନ୍ତୁଳନକୁ ଧ୍ୱଂସ କରିସାରିକଲାଣି। ପ୍ରକୃତି ପରିବେଶ ପ୍ରତି ମଧ୍ୟ କରୁଣା, ଦୟା, ଅହିଂସାର ଆଚରଣ ଏକାନ୍ତ ଜରୁରୀ। ମାନବ ଜାତିର ବିକାଶ ସହ ପ୍ରଗାଢ ପ୍ରେମ ତଥା pure form of ଅହିଂସାର ପ୍ରୟୋଗଦ୍ୱାରା ହିଁ ସୃଷ୍ଟିର ସୁରକ୍ଷା ସମ୍ଭବ । ସର୍ବଂସହା ମାଟି ମାତ୍ର ସହନ ଶକ୍ତି ଅନୁସାରେ ତାର ଦୋହନ, ପ୍ରକୃତି ପରିବେଶର ଶୋଷଣ ନୁହେଁ ପୋଷଣ, ସଂର୍ବଦ୍ଧନ, ସହାବସ୍ଥାନପାଇଁ ନୀଳନକ୍ସା (Blue print ) ପ୍ରସ୍ତୁତ ହେବା ଉଚିତ୍ ।


ବିକାଶର ଅଧିକାର ପ୍ରତ୍ୟେକ ମଣିଷର ରହିଛି । ସେହିପରି ପରିବେଶ ସୁରକ୍ଷା ମଧ୍ୟ ସମଭାବରେ ଗୁରୁତ୍ୱପୂର୍ଣ୍ଣ । ଆମେ ଆମର ଜୈବ ବିବିଧତା ପ୍ରତି ଅହିଂସା ଆଚରଣ କରିବାର ଆବଶ୍ୟକତା ରହିଛି । ତେଣୁ 'ପରିବେଶ ସୁରକ୍ଷାର ଆଇନ୍' ଜରୁରୀ। ଅହିଂସା ଆମର ଜୀବନ ଶୈଳୀର ଅଂଶ ବିଶେଷ ହେବା ଏକାନ୍ତ ଆବଶ୍ୟକ। ଏ କଥା ଯେମିତି ମନେ ରଖିବା ଉଚିତ୍ ଓ ସେଇ ଅନୁସାରେ କାର୍ଯ୍ୟ କରିବା ଉଚିତ୍ ଯେ ଆମର ପୂର୍ବପୁରୁଷଙ୍କଠାରୁ ଏହି ବିଶ୍ୱ ଏହି ପୃଥିବୀ ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇନାହୁଁ, ବରଂ ଆମ ପରବର୍ତ୍ତୀ ପୀଢିଠାରୁ ଉଧାର ନେଇଛୁ। ତାଙ୍କୁ ଫେରାଇବାକୁ ପଡିବ ଏକ ସୁନ୍ଦର ପୃଥିବୀ। ଏଥିପାଇଁ ଅହିଂସା ଆମର ଜୀବନ ଧର୍ମ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

କଳିକା

# ପିଲାଙ୍କ ମହାଭାରତ–୫୩

## ଋଷ୍ୟଶୃଙ୍ଗଙ୍କ କାହାଣୀ–୨



ନିତ୍ୟାନନ୍ଦ ପଣ୍ଡା



ଆଉ ଦିନକର କଥା । ବିଭାଣ୍ଡକ ଆଶ୍ରମରେ ନଥାନ୍ତି । ଯାଇଥାନ୍ତି ଦୂରକୁ ଫଳମୂଳ ସଂଗ୍ରହ କରିବାକୁ । ପୂର୍ବର ନର୍ତ୍ତକୀ ଆଶ୍ରମକୁ ଆସୁଥିବାର ଦେଖାଗଲା । ଏଥର ଋଷ୍ୟଶୃଙ୍ଗ ଧାଇଁଗଲେ ତାଙ୍କୁ ସ୍ୱାଗତ ଜଣେଇବାକୁ । ସହସ୍ରଗୁଣ ଅଧିକ ଆଗ୍ରହରେ ସେ କହିଲେ ନର୍ତ୍ତକୀକୁ – ହେ ବ୍ରହ୍ମଚାରିଣୀ ! ମୋର ପିତା ଆସି ପହଞ୍ଚିଯିବେ । ସେ ପହଞ୍ଚିଗଲେ ମୁଁ ଯାଇପାରିବି ନାହିଁ । ଚାଲ ତୁମ ଆଶ୍ରମକୁ । ଶୀଘ୍ର ପଳେଇଚାଲ ।

ନର୍ତ୍ତକୀ ଯାହା ଚାହୁଁଥିଲେ ଋଷ୍ୟଶୃଙ୍ଗ ସେଇଆ କହିଲେ । ଖୁବ୍‌ଶୀଘ୍ର ସେମାନେ ଅପେକ୍ଷାରତ ଡଙ୍ଗା ନିକଟରେ ପହଞ୍ଚିଲେ । ଡଙ୍ଗା ଭିତରେ ପ୍ରବେଶ କରିବା ପରେ ଋଷ୍ୟଶୃଙ୍ଗଙ୍କୁ ବୋଧହେଲା ତାହା ଏକ ଆଶ୍ରମ ।

ଡଙ୍ଗା ଭାସି ଭାସି ଚାଲିଲା । ପହଞ୍ଚିଲା ଅଙ୍ଗଦେଶରେ ।

ଋଷ୍ୟଶୃଙ୍ଗ ପ୍ରଥମ କରି ବାହାର ଦୁନିଆ ଦେଖୁଥିଲେ ।

ସେ ବହୁତ ଖୁସି ହେଲେ ।

ରାଜା ଲୋମପାଦ ସ୍ୱାଗତ ଜଣେଇଲେ ଋଷ୍ୟଶୃଙ୍ଗଙ୍କୁ । ଏବଂ ପାଛୋଟିନେଲେ, ତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ନୂତନ ଗୃହକୁ । ରାଜା ଖବର ରଖିଥିଲେ, ଋଷ୍ୟଶୃଙ୍ଗ ରାଜ୍ୟରେ ପାଦଦେବା ମୁହୂର୍ତ୍ତରୁ ବର୍ଷା ଆରମ୍ଭ ହୋଇଯାଇଛି । ନଈନାଳ ଆଦି ପୂରି ଉଠିଛି । ପ୍ରଜାଗଣ ଅତୀବ ଖୁସି ।

ରାଜା ତାଙ୍କର କନ୍ୟା 'ଶାନ୍ତା'କୁ ଋଷ୍ୟଶୃଙ୍ଗଙ୍କୁ ବିବାହ ଦେଲେ ।

ଋଷି ବିଭାଣ୍ଡକ ଆଶ୍ରମକୁ ଫେରି ଜାଣିଲେ ପୁଅନାହିଁ । ଏହା ନିଶ୍ଚୟ ଅଙ୍ଗଦେଶର ରାଜାଙ୍କ କାମ ! ସେ ରାଗିଲେ ଓ ଅଙ୍ଗଦେଶ ଉଦ୍ଦେଶ୍ୟରେ ଯାତ୍ରାକଲେ ।

କିନ୍ତୁ ଅଙ୍ଗଦେଶରେ ପ୍ରବେଶ କରିବାମାତ୍ରେ ସେ ଜାଣିପାରିଲେ, ଅଙ୍ଗର ପ୍ରଜା ତାଙ୍କୁ ସସମ୍ମାନ ସ୍ୱାଗତ ଜଣାଉଛନ୍ତି । କ୍ରମଶଃ ତାଙ୍କର କ୍ରୋଧ କମି କମି ଆସିଲା । ସେ ମଧ୍ୟ ବୁଝୁଥିଲେ, ପୁଅ ଉପରେ ଏତେ କଠିନ ଶୃଙ୍ଖଳା ପ୍ରୟୋଗ କରିବା ଉଚିତ୍ ନଥିଲା ।

ସେ ପହଞ୍ଚିଲେ ରାଜ ପ୍ରାସାଦରେ । ଦେଖିଲେ, ପୁଅ ଜଣେ ରାଜାପରି ସିଂହାସନରେ ବସିଛି । ପାଖରେ ତାଙ୍କର ବୋହୂ ଶାନ୍ତା । ତାଙ୍କଠାରେ ଆଉ କ୍ରୋଧ ନଥିଲା । ସେ ପୁଅ ଓ ବୋହୂଙ୍କୁ ଆଶୀର୍ବାଦ କଲେ । ପୁଅକୁ କହିଲେ, "ତୁମେ ଯେତେଦିନ ପାରୁଛ ରୁହ, କିନ୍ତୁ ତୁମର ପୁଅଟିଏ ହେବାପରେ ତୁମେ ଏହି ଜାଗତିକ ସୁଖ ତ୍ୟାଗକରି ମୋ ସହ ଯୋଗ ଦେବ ।"

ଋଷ୍ୟଶୃଙ୍ଗ କହିଲେ – ହଁ ।

ଲୋମଶ କହିଲେ ଯୁଧିଷ୍ଠିରଙ୍କୁ – ଏହି ହେଉଛି ସେହି ଆଶ୍ରମ .... ଯେଉଁଠି ଋଷ୍ୟଶୃଙ୍ଗ ବାସକରୁଥିଲେ । ଏହି ନଦୀରେ ତୁମେ ଭାଇମାନେ ସ୍ନାନ କର । ତୁମ ଶରୀର ପବିତ୍ର ହୋଇଉଠିବ ।

ପାଣ୍ଡବ ଭାଇମାନେ ସ୍ନାନକଲେ, ଯେଉଁ ଜଳରେ ଋଷ୍ୟଶୃଙ୍ଗ ସ୍ନାନ କରୁଥିଲେ ।

ଆସ ମନେରଖିବା :

୧) ଋଷି ବିଭାଣ୍ଡକ ଓ ଅପସରା ଉର୍ବଶୀଙ୍କଠୁ ପୁଅଟିଏ ଜନ୍ମ ହୋଇଥିଲା । ଯାହାର କପାଳରେ ଗୋଟିଏ ହରିଣ ଶିଙ୍ଗ ଉଠିଥିଲା, ଜନ୍ମବେଳୁ । ତେଣୁ ପୁଅର ନାମ ରଖାଯାଇଥିଲା ଋଷ୍ୟଶୃଙ୍ଗ । ପୁଅର ଜନ୍ମ ପରେ ଉର୍ବଶୀ ସ୍ୱର୍ଗକୁ ଫେରିଗଲେ । ସେହି କାରଣରୁ ଋଷି ବିଭାଣ୍ଡକଙ୍କ ଠାରେ ନାରୀଙ୍କ ପ୍ରତି ପ୍ରଚଣ୍ଡ ଘୃଣା ସୃଷ୍ଟି ହୋଇଥିଲା । ଫଳସ୍ୱରୂପ ସେ ପୁଅର ଲାଳନ ପାଳନ ଅରଣ୍ୟରେ କରିଥିଲେ ଯେପରିକି ପୁଅ ନାରୀଙ୍କ ମୁହଁ ଦେଖିପାରିବ ନାହିଁ ।

୨) ପ୍ରଚଣ୍ଡ ସାଧନା ଫଳରେ ଋଷ୍ୟଶୃଙ୍ଗ ଏପରି ସିଦ୍ଧି ଲାଭ କରିଥିଲେ ଯେ ସେ ଯେଉଁଠି ପାଦ ରଖିବେ ସେଠାରେ ବର୍ଷା ହେବ ।

୩) ଋଷ୍ୟଶୃଙ୍ଗ ରାମାୟଣ ଯୁଗର ଋଷି । ଦଶରଥ ଓ କୌଶଲ୍ୟାଙ୍କ କନ୍ୟା 'ଶାନ୍ତା'ଙ୍କୁ ପାଳିତ କନ୍ୟା ଭାବେ ଗ୍ରହଣ କରିଥିଲେ ଅଙ୍ଗରାଜା ରୋମପାଦ । ଋଷ୍ୟଶୃଙ୍ଗ 'ଶାନ୍ତା'ଙ୍କୁ ବିବାହ କରିଥିଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍– ୭*
*ମୋ– ୮୨୪୯୬୯୩୩୦୮*



## ପାର୍ବଣ ଆସିଛି

*ନଳିନୀ ଦାଶ*

ପାର୍ବଣ ଆସିଛି ମରତ ହସୁଛି
ଆସ ମାଆ ଦଶଭୂଜା
ତୁମ ଆଗମନ ବାରତାପାଇ ମା
ମଣ୍ଡପ ହେଲାଣି ସଜା ।
ଶଙ୍ଖ ଭେରି ତୂରୀ ଘଣ୍ଟ ଗିନି ସାଥେ
ବାଜୁଛି ତେଲିଙ୍ଗି ବାଜା
ଆରମ୍ଭ ହେଲାଣି ମରତ ଭୂଇଁରେ
ତୁମ ନବରାତ୍ରି ପୂଜା
କାଶତଣ୍ଡି ଫୁଟି ହରଷେ ନାଚୁଛି
ଗାଇବ ସ୍ୱାଗତ ଗୀତ
ଶେଫାଳି ଝଡ଼ିଛି ଆସିବ ବୋଲି ମା
ହୋଇ କେତେ ଆନନ୍ଦିତ ।

ଆସ ମା ଭବାନୀ ଦୁର୍ଗତିନାଶିନୀ
ପାପୀଙ୍କୁ କର ବିନାଶ
ଅନ୍ୟାୟ ଅଧର୍ମ ଦୂର କରିଦେଇ
ଧରାରେ ଶାନ୍ତି ବରଷ ।
ସିହଂବାହିନୀ ମା ଦନୁଜନାଶିନୀ
ତୁମର କରୁଣା ଝରୁ
ସବୁରି ଜନଙ୍କ ହୃଦୟରେ ମାଗୋ
ସୁଖ ଶାନ୍ତି ଯେତେ ଭରୁ ।
ଦୁଃଖ ବିନାଶିନୀ ଅଭୟଦାୟିନୀ
ଅଧର୍ମର ହେଉ କ୍ଷୟ
ଅସତ୍ୟ ଅନ୍ଧାର ଦୂରୀଭୂତ ହୋଇ
ସତ୍ୟର ହେଉ ବିଜୟ ।

*ଭିକାରିପଡ଼ା, ଶରଣକୁଳ, ନୟାଗଡ଼*
*ମୋ–୯୨୩୮୯୯୬୬୪୯*

## ଶରତ

*ରୂପେଶ ରଂଜନ ରାଉତ*

କାଶତଣ୍ଡୀ ଫୁଲ ଫୁଟିଲାଣି
ଧରାକୁ ଶରତ ଆସିଲାଣି ।
ଆକାଶ ନିର୍ମଳ ଦିଶିଲାଣି
ଆନନ୍ଦେ ଧରଣୀ ହସିଲାଣି ।
ସବୁଜେ ଧରଇ ଆମ ଏ ଧରା
ଚଷା ହସଇ ଖୁସିରେ ପରା ।
ଶରତେ ଶେଫାଳୀ ଫୁଟଇ
ଚଉଦିଗ ବାସେ କମ୍ପଇ ।
ଶରତେ ହୋଇବ ମା'ର ପୂଜା
ସଭିଏଁ କରିବେ ବହୁତ ମଜା ।

*ନନ୍ଦିଗ୍ରାମ, ନାଉଗାଁହାଟ,*
*ଜଗତସିଂହପୁର*





## ଦେଖ ଥରେ ମାଆ

*କବିତା ମିଶ୍ର*

ନୀଳ ଗଗନରୁ ଝରୁଛି ଜୋଛନା
ସବୁଜ ଧରଣୀ ହସୁଛି
ନବ ବଧୂ ରୂପ ଶରତ ସାଜିଛି
ଶେଫାଳୀ ସଜେଇ ହୋଇଛି ।୧।
ଚାମର ହଲେଇ ହସେ କାଶତଣ୍ଡି
ମାଆଙ୍କ ସ୍ୱାଗତ ପାଇଁ
ଦେବୀ ଦଶଭୂଜା ମହିଷା ମର୍ଦ୍ଦିନୀ
ଆସିବେ ଧରାକୁ ଓହ୍ଲାଇ ।୨।
ସଜଳ ନୟନେ ଦେଖ ଥରେ ମାଆ
କଳଙ୍କିତ ଏହି ବିଶ୍ୱକୁ
କେତେ ହିଂସା ଦ୍ୱେଷ ଘୃଣା ଅହଂକାର
ଗ୍ରାସିଛି ମାନବ ଜାତିକୁ ।୩।
ଯୁଦ୍ଧର ତାଣ୍ଡବ ରକ୍ତେ ହୋଲିଖେଳ
ଏ ଧରାରେ ବହି ଚାଲିଛି
ନାରୀ ନିର୍ଯାତନା ବହୁ ଅତ୍ୟାଚାର
ବସୁଧା ନୀରବେ ସହୁଛି ।୪।
ଅମୃତ ବରଷା ଢାଳିଦିଅ ମାଆ
ପ୍ରେମଧାରା ବହିଯାଉ
ସତ୍ୟ, ଶାନ୍ତି, ଧର୍ମ ଅହିଂସାର ବାନା
ପବନରେ ଉଡୁଥାଉ ।୫।

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ସେକ୍ଟର–୩/୫୫,*
*ନୀଳାଦ୍ରିବିହାର, ଭୁବନେଶ୍ୱର–୨୧*
*ମୋ–୯୯୩୭୦୩୩୭୫୦*

## ମାଆ ଆସୁଛନ୍ତି

*କୁଞ୍ଜ ବିହାରୀ ସାହୁ*

ବେଳେ ବେଳେ ମେଘ ଛାତିରୁ ଝରୁଛି
ବରଷା ଟୋପା,
ଅଶିଣ ମାସରେ ଏମିତି ବରଷା
ଦିଶଇ ତୋଫା ।

ଦେଖ ଦେଖ ନଈପଠା ବିଲପାଟେ
ଖୁସିଟେ ବୋଳି,
କାଶତଣ୍ଡୀ ଫୁଲ ଧଳା ଚଅଁରଟି
ଖେଳୁଛି ଦୋଳି ।

କହି କହି ଯାଏ ଆସୁଛନ୍ତି ଦେବୀ
ମରତ ଛୁଇଁ,
ସେଇଥିପାଇଁକି ହସିଲାଣି ଏବେ
ଆକାଶ ଭୂଇଁ ।

ଯେତେ ଯେତେ ଦୁଃଖ ବିପଦ ଆପଦ
ହରିବେ ମାଆ,
ସକଳ ଜୀବଙ୍କୁ ପଣତ ଘୋଡ଼େଇ
ହୋଇବେ ସାହା ।

ଚିକି ଚିକି ଚିକି ନଈ ପାଣି ଧାର
କହିଲା ହସି,
ମାଆ ଆସୁଛନ୍ତି ଖୁସି ବାଣ୍ଟିବାକୁ
ପୀଠରେ ବସି ।

ଭଲ ଭଲ ଲାଗେ ଶରତ ଋତୁର
ଏମିତି ପାଗ,
ଭକତି ପରାଏ ଭକତ ପୂଜିବେ
ଦୁର୍ଗାଙ୍କୁ ଆଗ ।

*ଭୁବନେଶ୍ୱର*
*ମୋ–୭୦୦୮୧ ୪୨୦୪୦*

## ଶାରଦୀୟ ଦୁର୍ଗାପୂଜା...



ପ୍ରତିବରଷର ଶରତ ଋତୁରେ
ମାଆ ତୋର ଆଗମନ
ଷଷ୍ଠୀ ରୁ ଦଶମୀ ପୂଜା କରେ ତତେ
ହୃଦୟରୁ କରେ ଧ୍ୟାନ.....

ଆଶ୍ୱିନ ମାସରେ କାଶତଣ୍ଡୀ ହସେ
ବାସ ହରା ଏହି ଫୁଲ
ଧୋବ ଫର ଫର କେତେ ଯେ ସୁନ୍ଦର
ରୂପ ତା ଅମୂଲ ମୁଲ.....

ଶୁକ୍ଳ ପକ୍ଷର ଶରତ ସାଙ୍ଗରେ
ମାଆ ଆସୁଅଛି ବୋଲି
ରକ୍ତ ମୁଖା ମୁହଁ ଆହେ ରାଜେଶ୍ୱରୀ
ମୁଖ ମଣ୍ଡଳ ତୋ ନାଲି.....

ସାରା ଓଡ଼ିଶାର ଦୁଇଟି ସହର
କଟକ ଭୁବନେଶ୍ୱର
ବହୁ ଆଡମ୍ବରେ ସାଜ ସଜା ହୁଏ
ବିରାଜନ୍ତି ମାଆ ମୋର.....

ପାର୍ବଣ ଋତୁର ଏହି ମହାପର୍ବେ
ହୁଏରେ ରାବଣ ପୋଡି
ଦଶାନନ ଏଠି ବିଦାୟ ନିଅନ୍ତି

*ରତିକାନ୍ତ ଜେନା*

ମାଆ ପାଖେ ହାତ ଯୋଡି.....

ବଧ କରିବାକୁ ଦୁଷ୍ଟ ରାବଣକୁ
ରାମଚନ୍ଦ୍ର କଲେ ପୂଜା
ସେବେଠାରୁ ଅଛି ଏହି ପରମ୍ପରା
ମଣ୍ଡପରେ ଦଶଭୁଜା.....

ପୂଜାର ଆରମ୍ଭ ଷଷ୍ଠୀ ଠାରୁ ହୁଏ
ବେଲକରଣର ଦିନ
ସପ୍ତମୀରେ ମାଆ ଜାଗ୍ରତ ହୁଅନ୍ତି
ହୁଏ ତାଙ୍କ ଚକ୍ଷୁ ଦାନ.....

ଅଷ୍ଟମୀରେ ହୁଏ ମହାଷ୍ଟମୀ ବ୍ରତ
ନବମୀରେ ସନ୍ଧି ପୂଜା
ପାଣି କଖାରୁ କୁ ବଳି ଦିଆଯାଏ
ଉଡେ ମା ବିଜୟ ଧ୍ୱଜା.....

କି ଆନନ୍ଦ ଭରା ଶୁଭ ଦଶହରା
ବିଜୟା ଦଶମୀ ଦିନ
ପୂଜା ବିଧି ସରି ମାଆଙ୍କୁ ସୁମରି
ଶେଷ ହୁଏ ବିସର୍ଜନ.....

*ବିଲବଲରାମପୁର, କେନ୍ଦ୍ରାପଡ଼ା*
*ମୋ–୭୦୭୭୨୮୬୫୮୦*

## ଜୟ ମାଗୋ ଦଶଭୁଜା

*ରାଜ କିଶୋର ସ୍ୱାଇଁ*



ଶାରଦୀୟ ଦୁର୍ଗାପୂଜା
ଜୟ ମାଗୋ ଦଶଭୁଜା
ମସ୍ତକ ଆମେ ପାତି
କରୁ ପ୍ରଣାମ ପାଦେ ତୁମରି
ଘେନ ହେ ଜଗଦ୍ଧାତ୍ରୀ ।।୧।।

ତ୍ରେତୟା ଯୁଗେ ଅରପି ପୂଜା
ତୁମରି ପାଦ ତଳେ
ଲଙ୍କାର ରାଜା ବଧିଲେ ରାମ
ତୁମ କରୁଣା ବଳେ
ଥିଲେ ତୁମରି ଶୁଭ ଆଶିଷ
ମିଳଇ ସୁଖ ଶାନ୍ତି ।।୧।।

ହୋଇ ଅତିଷ୍ଠ ମହିଷାସୁର
ପୀଡ଼ନେ ଦେବଗଣ
ରକ୍ଷା କରିବା ପାଇଁକି କଲେ
ତୁମକୁ ସୁମରଣ
ସାଜି ମା ଦୁର୍ଗା ନାଶିଲ ଦୈତ୍ୟ
ତାସାଥେ ରଣେ ମାତି ।।୨।।

କରୁଛୁ ଅଳି ମାଗୋ ସାରଦେ
ଜ୍ଞାନର ଦୀପ ଜାଳି
ଦିଅ ଅଜ୍ଞାନ ଅନ୍ଧାର ଦେବୀ
ଆମ ମନରୁ ଟାଳି
ତୁମ ଆଶିଷେ ରହୁ ଆମର
ସତ୍ୟରେ ସଦା ମତି ।।୩।।

ରୋକିବା ପାଇଁ ଅପସଂସ୍କୃତି
ଅନୀତି ଅନାଚାର
ଦେଇଛି ଆମ ସଂସ୍କୃତି
ଓଷା ବରତ ଉପହାର
ଦିଅ ଶକତି ନସହୁ ଆମେ
ଅନୀତି ମଥା ପାତି ।।୪।।

*ଅବସର ପ୍ରାପ୍ତ ଉପଆରକ୍ଷୀ ଅଧିକ୍ଷକ, ଶାନ୍ତିନଗର*
*ନୂଆପଡା, ନୂଆବଜାର, କଟକ–୭୫୩୦୦୪*
*ମୋ–୯୪୩୭୪୪୨୦୪୧*


## ରାବଣ ପୋଡ଼ି

*ଦଶରଥ ମାଝୀ*

ଲଙ୍କାର ରାବଣ କୁଶ ପୁତ୍ତଳିକା
ହାତରେ ନିର୍ମାଣ କରି
ଦଶମୀ ତିଥିରେ ଦହନ କରନ୍ତି
ରାବଣକୁ ତୀର ମାରି (୧)
ସୁଉଚ୍ଚ ରାବଣ ପ୍ରତିମୂର୍ତ୍ତି କରି
ଦହନ କରନ୍ତି ଜାଣ
ରାବଣ ପୋଡ଼ିର ଦୃଶ୍ୟ ଦେଖିବାକୁ
ଲାଗିଥାଏ ଆକର୍ଷଣ (୨)
ରାବଣ ପୋଡ଼ିର ଦୃଶ୍ୟଟି କହୁଛି
ନାରୀ ଅତ୍ୟାଚାର ଫଳ
ସମାଜ ନାରୀକୁ ସମ୍ମାନ ଦିଅନ୍ତୁ
ନାହିଁ ଭାବରେ ଦୁର୍ବଳ (୩)
ହିଂସା ଅହଂକାର ଅନ୍ୟାୟ ଅନୀତି
ଯେତେ ଲୁଣ୍ଠନ ଶୋଷଣ
ନାନା ଅତ୍ୟାଚାର ଯିଏ କରିଥାଏ
ସେ କଳିଯୁଗର ରାବଣ (୪)
ରାବଣ ପୋଡିଲେ କିଛି ଲାଭ ନାହିଁ
ଜଳି ଯାଉ ଆଗେ ହିଂସା
ଜଗତର ଲୋକ ଖୁସିରେ ରହିବେ
ଭୋଗିବେ ନାହିଁରେ ଦଶା (୫)

*କୁରୁମାଟୁଆଁ, ଭବାନୀପାଟଣା,*
*କଳାହାଣ୍ଡି*







## ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

*ଅସୀମା ପ୍ରଧାନ*

ଗାନ୍ଧୀ, ଶାସ୍ତ୍ରୀ ଦୁହେଁ ମହାନ ନେତା
ଦୁହିଁଙ୍କୁ ତ ଥିଲା ଦେଶର ଚିନ୍ତା ।
ଅକ୍ଟୋବର ଦୁଇ ଜନମ ଦିନେ
ଆସରେ ଆମେ ପକାଇବା ମନେ ।
ଉଚ୍ଚ ଚିନ୍ତନ ସରଳ ଜୀବନ
କଷ୍ଟ କରି ଆଣିଲେ ଯେ ସ୍ୱାଧୀନ ।
ସତ୍ୟନିଷ୍ଠା ତ୍ୟାଗପୂତ ଜୀବନ
ସଭିଙ୍କ ପାଇଁ ତ ଉଦାହରଣ ।
ଭୋଗର ବିଷ କାହିଁ ତ ନ ଥିଲା
ମହାତ୍ମା ବୋଲି ଦୁନିଆ କହିଲା ।
ଦିନ ରାତି ଏକ କରି ସଂଗ୍ରାମ
ଦେଶର ହିତାର୍ଥେ କରିଲେ କାମ ।
ଦେହର ଉଚ୍ଚତା ବଡ଼ ନୁହଇ
ମନ ବଡ଼ ଯାର ଧନ୍ୟ ହୁଅଇ ।
ତାଙ୍କରି ଆଦର୍ଶେ ଚାଲିବା ବାଟ
ରହିବ ନାହିଁ କିଛି ବି ସଙ୍କଟ ।
ବିଶ୍ୱ ଅହିଂସା ଦିବସ ଯେ ଆଜି
ହିଂସା ଛାଡ଼ିବାକୁ ହୁଅରେ ରାଜି ।

*ବୁଠିପଦର, ବୀରମହାରାଜପୁର,*
*ସୁବର୍ଣ୍ଣପୁର*



## କାଶତଣ୍ଡି ହସଇ

*ଜୟକୃଷ୍ଣ ସାହୁ*

କୁନୁ ଯାଇଥିଲା ନଈକୁ
ଦିନେ ଗାଧୋଇ ଏକା
କାଶତଣ୍ଡି ସଙ୍ଗେ ହୋଇଲା
ନଈ ପଠାରେ ଦେଖା ।
ପଚାରିଲା କୁନୁ, କାଶ ଲୋ !
କୁଆଡ଼େ ଯାଇଥିଲୁ
ବରଷେ ହେଲାଣି କାହିଁକି
ତୁଉ ଦେଖା ନଥିଲୁ ?
ଶରତ ଆସିଲା ପରେ ତୁ
କାହିଁ ଆସିଛୁ ଧାଇଁ
ଶୋଭାର ପସରା ରାଇଜ–
ସାରା ବିଛେଇ ଦେଇ ।
ଦେବୀ ମାଆ ସଜ ହେଲେଣି
ଧରା ଆସିବେ ବୋଲି
ସେଇତି ପାଇଁ ତୁ ଆଗରୁ
ପରା ଆସିଛୁ ଚାଲି ।
ମା' ଆସିବା ବାର ନକ୍ଷତ୍ର
ଅବା ଥିଲୁ କି ଜାଣି
ଅବା ଟିପିଥିଲୁ ତାରିଖ
ଦିନ ମାସକୁ ଗଣି ?
ଧୋବ ଫରଫର ଦିହଟି
କିଣି ନେଉଛି ମନ
ଝୁଲି ଝୁଲି ଝୁଲି ପବନେ
ଦେଖୁ ସୁଖସପନ ।
ତୁ ଆସିଲେ ଆମ ଧରାକୁ
ମୋତେ ଲାଗଇ ଖୁସି
ଇଚ୍ଛା ହୁଏ କଥା ହୁଅନ୍ତି
ତୋର ପାଖରେ ବସି ।
ତୋର ସଙ୍ଗେ କଥା ହେବାକୁ
ବେଳ ନାହିଁ ଲୋ ମୋର
ପାଠ ପଢ଼ିବାକୁ ଯିବାକୁ
ମୁଁ ହୁଏ ତରତର ।

*କପିଳ ପ୍ରସାଦ, ଭୁବନେଶ୍ୱର–୨*
*ମୋ–୯୯୩୭୦୯୨୩୯୭*



## ଆସିଲେଣି ମା' ସିଂହ ବାହନରେ

*ଶରତ କୁମାର ଦାସ*

ଆସିଲେଣି ମାଆ ସିଂହ ବାହାନରେ
ପାଦ ଦେବେ ଏଇ ଧରାରେ,
ତାଙ୍କ ଆଗମନେ ଦୂରହୋଇ ଦୁଃଖ
ଦିନ ହେବ ସୁନାଝରାରେ ।

ହାତେ ଧରି ଧଳା ଚଅଁରକୁ କାଶ
ରହିଛି ଚାତକେ ଅନେଇ,
ମାଆଙ୍କ ମୂରତି ଦେଖିବାକୁ ପରା
ଚାହୁଁଛି ଟିକିଏ କଣେଇ ।

ଏ ସାରା ମୁଲକ ଉଠିବ ତ ହସି
ଆଶିଷ ତାଙ୍କର ପାଇଲେ,
ସବୁରି ଆଖିରୁ ଲୁହ ଯିବ ଲିଭି
ନାମ ତାଙ୍କ ତୁଣ୍ଡେ ଗାଇଲେ ।

ଆକାଶରେ ତାରା ଜାଳିଲେଣି ଦୀପ
ମାଆଙ୍କ ବରଣ ପାଇଁକି,
ସରାଗେ ବାଢିବେ ପୂଜା ନଇବେଦ୍ୟ
ଆସିବେ ମାତ ତ ଧାଇଁକି ।

ଫୁଟିଲାଣି ଚମ୍ପା–ଜାଇ–ଯୂଇ–ହେନା
ମାଳଟିଏ ହୋଇ ଝୁଲିବେ,
ମାଆଙ୍କ ପରଶ ପାଇଲେ ଥରୁଟେ
ଦୁଃଖ ଯାତନାକୁ ଭୁଲିବେ ।

ପାପର ରାଜୁତି ବଢୁଛି ଯେମିତି
କେବେ ଧରା ନାଶ ହୋଇବ,
କିଏ ବା କଳିବ ମାଆଙ୍କ ଶକତି
କାଳିମାର ଦାଗ ଧୋଇବ ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ବଡବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*
*ମୋ–୮୨୪୯୧୩୭୦୯୧*

## ମାଆ ତୁ ଆସୁଛୁ ବୋଲି

*ମନୋଜ କୁମାର ମେହେର*



ମାଆ ତୁ ଆସୁଛୁ ବୋଲି...
ଆକାଶ ନୀଳ ରଙ୍ଗ ବୋଲି ହୋଇଛି,
ପବନ ବି ନିଜକୁ ଶୀତଳ କରିଛି,
ସବୁଜିମା ଧରଣୀର ରଙ୍ଗ ବେରଙ୍ଗ
ଫୁଲରେ ସଜାଇ ହୋଇଛି,
ପାର୍ବଣ ଋତୁ ବି ସ୍ୱାଗତ କରୁଛି ॥
ମାଆ ତୁ ଆସୁଛୁ ବୋଲି.......
ପ୍ରକୃତି ବି ତୋର ଆଗମନକୁ ଚାହିଁଛି,
ମାନବ ବି ଏଠି ଜାକ୍ ଜମକରେ
ମଣ୍ଡପ ସଜାଇ ତୋ ଆଗମନକୁ
ଅପେକ୍ଷା କରିଛି ।
ସବୁଠି ହସଖୁସି ଲାଗିଛି ॥
ମାଆ ତୁ ଆସୁଛୁ ବୋଲି...
ଶୁଭ୍ର କାଶତଣ୍ଡି ଅପେକ୍ଷା କରିଛି,
ସ୍ୱଳ୍ପାୟୁଷ ହେଲେ ବି, ଗଙ୍ଗଶିଉଳି
ତୋ, କୋଳରେ ମିଶିବା ପାଇଁ
ତୋ ପାଦରେ ଲାଗିବା ପାଇଁ
ଭକ୍ତିର ଅର୍ଘ୍ୟଥାଳୀ
ବାଢ଼ି ଦେଇଛି ।
ମାଁ ତୁ ଆସୁଛୁ ବୋଲି.......
ମନରେ ବିଶ୍ୱାସ ରଖିଛି
ତୁ ଆସିବୁ.....
ମହିଷାସୁର ରୂପୀ ମାନବର
ସଂହାର ପାଇଁ,
ଏ ଧରାରେ
ଧର୍ମର ରକ୍ଷା ପାଇଁ ।।

*ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି*
*ମୋ–୯୩୩୭୭୯୩୧୫୭*

## ଆସିଗଲା ବିଜୟଦଶମୀ

*କାଳୀ ଦାସ*

ଅସତ୍ୟ ଉପାରେ ସତ୍ୟର ବିଜୟ
ଆସୁରି ଶକ୍ତି ଉପରେ
ଦେବତ୍ୱ ର ବିଜୟ
ବିଜୟ ଦଶମୀ
ମାତୃତ୍ୱର ଜୀବନ୍ତ ପ୍ରତିମା
ଶକ୍ତି ସ୍ୱରୁପିଣୀ ଜଗତଜନନୀ
ସଜ ହେଲା ଗାଁ ଠାରୁ ସହର
ମା'ର ସ୍ୱାଗତ ପାଇଁ
ଚଳଚଞ୍ଚଳ ମହାନଗର
ଉପାସନାରେ ମଗ୍ନ ପୁରବାସିନୀ
ଆସିଗଲା ବିଜୟ ଦଶମୀ
ମଙ୍ଗଳ ମନ୍ତ୍ର ଧ୍ୱନୀରେ
ସ୍ପନ୍ଦିତ ଧରଣୀ
ଜୟଗାନ କରେ ବାରମ୍ବାର
ଆସିଗଲା ବିଜୟ ଦଶମୀ ।

*ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର*
*ଗଞ୍ଜାମ–୭୬୦୦୧୦*
*ମୋ–୭୨୦୫୧୦୦୮୩୯*



## ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ

# ଅଷ୍ଟ୍ରେଲିଆ ବିପକ୍ଷରେ ୭୮ ବଲରେ ୧୧୩ ରନ




**ବ୍ରିସବେନ୍**

ମାତ୍ର ୧୪ ବର୍ଷ ବୟସରେ ରାଜସ୍ଥାନ ରୟାଲ୍ସର ତାରକା ବୈଭବ ସୂର୍ଯ୍ୟବଂଶୀ ଅଷ୍ଟ୍ରେଲିଆ ବିପକ୍ଷରେ ଯୁବ ଟେଷ୍ଟରେ ୭୮ ବଲରେ ଶତକ ହାସଲ କରି ବିଶ୍ୱ କ୍ରିକେଟକୁ ଚମକାଇ ଦେଇଛନ୍ତି। ବ୍ରିସବେନ୍‌ର ଇଆନ ହିଲି ଓଭାଲରେ ସେ ୮୬ ବଲରେ ୧୧୩ ରନ କରି ହେଡ୍ଡେନ ଶିଲରଙ୍କ ବଲରେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୮ଟି ଛକା ଓ ୯ଟି ଚୌକା ସାମିଲ ଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ବେଦାନ୍ତ ତ୍ରିବେଦୀ ୧୯୨ ବଲରେ ୧୪୦ ରନ କରି ଚମକିଥିଲେ।

ବୈଭବଙ୍କ ଏହି ୭୮ ବଲର ଶତକ ଅଷ୍ଟ୍ରେଲିଆରେ ଯୁବ ଟେଷ୍ଟ ଇତିହାସରେ ସବୁଠାରୁ ଦ୍ରୁତ ଶତକ। ସେ ପୂର୍ବରୁ ଚେନ୍ନାଇରେ ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷରେ ୫୮ ବଲରେ ଶତକ ହାସଲ କରି ଦ୍ୱିତୀୟ ଦ୍ରୁତତମ ଯୁବ ଟେଷ୍ଟ ଶତକର ରେକର୍ଡ କରିଥିଲେ। ଏହା ସହ ସେ ଯୁବ ଦିନିକିଆରେ ସର୍ବାଧିକ ଛକାର ରେକର୍ଡ ଭାଙ୍ଗି ଉନ୍ମୁକ୍ତ ଚାନ୍ଦଙ୍କ ୩୮ ଛକାକୁ ଅତିକ୍ରମ କରି ୧୦ ଇନିଂସରେ ୪୧ ଛକା ହାସଲ କରିଛନ୍ତି।

# ଶେଷରେ ଭାରତ ଆଗରେ ନଇଁଲା ପାକିସ୍ତାନ

**ଇସଲାମାବାଦ**

ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ମୋହସିନ ନକ୍‌ଭି ଭାରତକୁ କ୍ଷମା ମାଗିଛନ୍ତି। ସେ ଏସିଆନ କ୍ରିକେଟ ପରିଷଦ ବୈଠକରେ କହିଛନ୍ତି, ସେମାନେ ଏବେ ଏକ ନୂତନ ଆରମ୍ଭ କରିବା ଉଚିତ। ଏସିଆ କପ୍ ୨୦୨୫ର ଫାଇନାଲ ମ୍ୟାଚ୍ ପରେ ନକ୍‌ଭି ତାଙ୍କ ସହିତ ଟ୍ରଫି ନେଇଥିଲେ। ନକଭି ଏପର୍ଯ୍ୟନ୍ତ ଅହଂକାର ପ୍ରଦର୍ଶନ କରୁଥିଲେ, କିନ୍ତୁ ଏବେ ସେ ମନ୍ଥର ହୋଇଛନ୍ତି। ସେ ଟ୍ରଫି ଫେରାଇବା ଉପରେ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି।

ନକ୍‌ଭି ଏସିସି ବୈଠକରେ କହିଥିଲେ, ଯାହା ଘଟିଥିଲା ତାହା ଘଟିବା ଉଚିତ୍ ନଥିଲା, କିନ୍ତୁ ଏବେ ଆମକୁ ଏକ ନୂତନ ପଦକ୍ଷେପ ନେବା ଉଚିତ। ସୂର୍ଯ୍ୟକୁମାର ଯାଦବ ନିଜେ ଆସି ଟ୍ରଫି ସଂଗ୍ରହ କରିବା ଉଚିତ। ଦୁବାଇରେ ଏସିସି ବୈଠକ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଇଥିଲା। ନକ୍‌ଭି ପରେ କ୍ଷମା ମାଗିଥିଲେ। ଫାଇନାଲରେ ପାକିସ୍ତାନର ପରାଜୟ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରି ଦେଇଥିଲେ। ନକ୍‌ଭି ବହୁତ ସମୟ ଅପେକ୍ଷା କରିଥିଲେ, କିନ୍ତୁ ଭାରତୀୟ ଦଳର ଖେଳାଳି ରାଜି ହୋଇ ନ ଥିଲେ। ତା’ପରେ ନକ୍‌ଭି ଟ୍ରଫି ଏବଂ ପଦକ ଉଭୟ ନେଇ ଚାଲିଗଲେ।



ପାକିସ୍ତାନରୁ ମଧ୍ୟ ନକ୍‌ଭିଙ୍କ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ପୂର୍ବତନ କ୍ରିକେଟର ଶାହିଦ ଆଫ୍ରିଦି ନକ୍‌ଭିଙ୍କୁ ସମାଲୋଚନା କରି କହିଛନ୍ତି, ତାଙ୍କୁ ଗୋଟିଏ ପଦବୀରୁ ଇସ୍ତଫା ଦେବା ଉଚିତ। ନକ୍‌ଭି ହେଉଛନ୍ତି ପିସିବି ମୁଖ୍ୟ ଏବଂ ପାକିସ୍ତାନର ଗୃହମନ୍ତ୍ରୀ ମଧ୍ୟ।

ସେହିପରି ପୂର୍ବତନ କ୍ରିକେଟର କୀର୍ତ୍ତି ଆଜାଦ କହିଛନ୍ତି, ସେ କ୍ଷମା ମାଗୁଛନ୍ତି କି ନାହିଁ ତାହା ଭିନ୍ନ କଥା। ଟ୍ରଫି ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ନ ଥିଲା, ତେବେ ସେ ଏହାକୁ କିପରି ଛଡ଼ାଇ ନେଲେ? ଏହା ଏପରି ଯେ ସେ ଆଉଟ୍ ହେବା ସମୟରେ ବ୍ୟାଟ୍ ଏବଂ ବଲ୍ ନେଇ ଯାଇଥିଲେ।

# ପିସିବି ଅଧ୍ୟକ୍ଷ ମୋହସିନ ନାକଭିଙ୍କ ଇସ୍ତଫା ଦାବି କଲେ ଶାହିଦ ଆଫ୍ରିଦୀ



**ନୂଆଦିଲ୍ଲୀ**

ଏସିଆ କପକୁ ନେଇ ପାକିସ୍ତାନ କ୍ରିକେଟ ଜଗତରେ ବିବାଦ ଘନେଇବାରେ ଲାଗିଛି। ହ୍ୟାଣ୍ଡସେକ ମାମଲାଠୁ ଆରମ୍ଭ କରି ଟ୍ରଫି ନନେବା ବିବାଦ ପାଇଁ ପୂର୍ବତନ ଅଲ୍‌ରାଉଣ୍ଡର ତଥା ଟି୨୦ ବିଶ୍ୱକପ୍ ବିଜୟୀ ଶାହିଦ ଆଫ୍ରିଦୀ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନାକ୍‌ଭିଙ୍କୁ ଇସ୍ତଫା କରିବାକୁ ଆହ୍ୱାନ କରିଛନ୍ତି। ଚଳିତ ଏସିଆ କପ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନର ନିରାଶାଜନକ ପ୍ରଦର୍ଶନ ଓ ବିବାଦୀୟ ଘଟଣାମାନଙ୍କ ପରେ ପାକିସ୍ତାନରେ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଛି। ନାକ୍‌ଭିଙ୍କ ଇସ୍ତଫା ଦାବି କରି ଆଫ୍ରିଦୀ କହିଛନ୍ତି ଯେ ଜଣଙ୍କୁ ପିସିବି ଅଧ୍ୟକ୍ଷ ପଦବୀ ସହିତ ପାକିସ୍ତାନର ଅନ୍ତରାଣ ମନ୍ତ୍ରୀ ଭାବେ କାମ କରିବା ଅସମ୍ଭବ। ଏମିତିରେ ପାକିସ୍ତାନ କ୍ରିକେଟ ଦଳ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି, ତେଣୁ ଏହାକୁ ପୂର୍ଣ୍ଣ ସମୟ ଦେବା ଆବଶ୍ୟକ। ସେ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫି ପରେ ମଧ୍ୟ ଏହି ନାକ୍‌ଭିଙ୍କ ପାଇଁ ଏହି ସମାନ ପରାମର୍ଶ ଦେଇଥିଲେ। ଏହାସହ ଆଫ୍ରିଦୀ ଅଭିଯୋଗ କରିଛନ୍ତି ଯେ ନାକଭିଙ୍କୁ କ୍ରିକେଟ୍ ବିଷୟରେ ଭଲ ଜ୍ଞାନ ନାହିଁ ଓ ସେ ଖରାପ ପରାମର୍ଶଦାତାମାନଙ୍କୁ ଘେରି ରହିଛନ୍ତି। ପିସିବି ଓ ଅନ୍ତରୀଣ ମନ୍ତ୍ରଣାଳୟ ଦୁଇଟି ସ୍ୱତନ୍ତ୍ର ସଂସ୍ଥା। ଯାହାକୁ ଆଲଗା ଅଲଗା ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ନାକଭି ବର୍ତ୍ତମାନ ପିସିବିର ଅଧ୍ୟକ୍ଷ ପଦ ସହ ଶେହବାଜ ସରିଫଙ୍କ ସରକାରରେ ଅନ୍ତରୀଣ ମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ନାକଭି, ଅସୀମ ମୁନିରଙ୍କ ପାଖ ଲୋକ ହୋଇଥିବାରୁ ତାଙ୍କୁ ଏହି ଦୁଇ ବଡ଼ ପଦବୀ ମିଳିଛି ବୋଲି ପାକିସ୍ତାନର ସ୍ଥାନୀୟ ଗଣମାଧ୍ୟମ ଖବର ପ୍ରକାଶ କରିଛି। ଏହି ଦୁଇ ପ୍ରମୁଖ ଦାୟିତ୍ୱ ସହ ସେ ଏସିଆନ୍ କ୍ରିକେଟ୍ କାଉନ୍ସିଲ୍ (ଏସିସି)ର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ଯାହା ତାଙ୍କର ବହୁକାର୍ଯ୍ୟକଳାପକୁ ଆହୁରି ବ୍ୟାପକ କରିଛି।

# ଟାଇମ୍ସ ଉଦୀୟମାନ ତାରକାଙ୍କ ତାଲିକାରେ ଯଶସ୍ୱୀ ଜୟସ୍ୱାଲ

**ମୁମ୍ବାଇ**

ଭାରତୀୟ କ୍ରିକେଟରେ ଏକ ନୂଆ ଚମକୁଟିବା ଚେହେରା ହେଉଛି ଯଶସ୍ୱୀ ଜୟସ୍ୱାଲ। ମାତ୍ର ୨୩ ବର୍ଷ ବୟସରେ ଏହି ଯୁବ କ୍ରିକେଟର ବିଶ୍ୱ କ୍ରିକେଟରେ ନିଜର ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛନ୍ତି। ଉତ୍ତର ପ୍ରଦେଶର ଏକ ଛୋଟ ଗାଁରୁ ମୁମ୍ବାଇର ଆଜାଦ ମୈଦାନ ପର୍ଯ୍ୟନ୍ତ ଯଶସ୍ୱୀଙ୍କ ଯାତ୍ରା ଏକ ପ୍ରେରଣାଦାୟୀ କାହାଣୀ ରହିଛି, ଯାହା ତାଙ୍କୁ ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ଉଦୀୟମାନ ତାରକାମାନଙ୍କ ମଧ୍ୟରେ ସ୍ଥାନ ଦେଇଛି।




୧୧ ବର୍ଷ ବୟସରେ ଯଶସ୍ୱୀ ତାଙ୍କ ପିତାଙ୍କ ସହ ଉତ୍ତର ପ୍ରଦେଶର ଭାଦୋହି ଜିଲ୍ଲାରୁ ମୁମ୍ବାଇ ଆସିଥିଲେ, ଯେଉଁଠାରେ ସେ କ୍ରିକେଟରେ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖିଥିଲେ। ଆର୍ଥିକ ଅସୁବିଧା ସତ୍ତ୍ୱେ ସେ ମୁମ୍ବାଇର ଆଜାଦ ମୈଦାନରେ ଗ୍ରାଉଣ୍ଡସମ୍ୟାନଙ୍କ ତମ୍ବୁରେ ରହି କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଜୀବନ ନିର୍ବାହ ପାଇଁ ସେ ଏକ ଡେୟାରୀ ଦୋକାନରେ କାମ କରୁଥିଲେ ଏବଂ ଖାଦ୍ୟ ବିକ୍ରେତାଙ୍କ ସହ ପାଣିପୁରୀ ବିକ୍ରି କରି କିଛି ଅର୍ଥ ରୋଜଗାର କରୁଥିଲେ। ଏହି ସମୟରେ ତାଙ୍କ ପ୍ରତିଭାକୁ ଚିହ୍ନି କୋଚ୍ ଜ୍ୱାଲା ସିଂହ ତାଙ୍କୁ ଆବିଷ୍କାର କରିଥିଲେ। ଜ୍ୱାଲା ତାଙ୍କ ସ୍ଥାନୀୟ ଅଭିଭାବକ ହୋଇ ତାଙ୍କ କ୍ୟାରିୟରକୁ ଏକ ନୂଆ ଦିଗ ଦେଇଥିଲେ।

ଯଶସ୍ୱୀ ନିଜେ କହିଛନ୍ତି, “ମୋ ଏହି ଯାତ୍ରା ମୋତେ ସବୁବେଳେ ଆତ୍ମବିଶ୍ୱାସ ଦିଏ ଯେ ମୁଁ ଯେକୌଣସି ପରିସ୍ଥିତିରୁ ବାହାରି ପାରିବି।” ତାଙ୍କର ଏହି ଅଟଳ ସଂକଳ୍ପ ଓ ପ୍ରତିଭା ତାଙ୍କୁ ଆଜି ବିଶ୍ୱ କ୍ରିକେଟରେ ଏକ ଉଦୀୟମାନ ତାରକା ଭାବେ ପରିଚିତ କରାଇଛି।

୨୩ ବର୍ଷ ବୟସ ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ କ୍ରିକେଟରେ ଏକ କ୍ୟାଲେଣ୍ଡର ବର୍ଷରେ ୧୦୦୦ ରନ୍ ସଂଗ୍ରହ କରି ଭାରତର ପ୍ରଥମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ଟେଷ୍ଟ କ୍ରିକେଟ, ଯାହା ଅନ୍ତର୍ଜାତୀୟ ସ୍ତରରେ ଖେଳର ସବୁଠାରୁ ପ୍ରତିଷ୍ଠିତ ରୂପ ଭାବେ ଗଣାଯାଏ, ତାଙ୍କ ପ୍ରତିଭାର ପ୍ରମାଣ ଦେଇଛି। ୨୦୨୪ ଓ ୨୦୨୫ରେ ତାଙ୍କର ସ୍ଥିର ପ୍ରଦର୍ଶନ ତାଙ୍କୁ ଭାରତୀୟ କ୍ରିକେଟ ଦଳର ଏକ ଅମୂଲ୍ୟ ସମ୍ପତ୍ତି କରିଛି।

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଯଶସ୍ୱୀ ୨୦୨୩ ଓ ୨୦୨୪ ସିଜନରେ ନିଜର ବିସ୍ଫୋରକ ବ୍ୟାଟିଂ ଦ୍ୱାରା ଦର୍ଶକଙ୍କ ମନ ଜିଣିଛନ୍ତି। ସେ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍‌ରେ ଦୁଇଟି ଦ୍ୱିଶତକ ଓ ଅନେକ ଶତକ ସହ ନିଜର ସ୍ଥାନ ଦୃଢ଼ କରିଛନ୍ତି। ବିଶେଷକରି, ଇଂଲଣ୍ଡ ବିପକ୍ଷ ୨୦୨୪ ଟେଷ୍ଟ ସିରିଜ୍‌ରେ ତାଙ୍କର ଦୁଇଟି ଦ୍ୱିଶତକ (୨୦୯ ଓ ୨୧୪) ତାଙ୍କୁ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆଣିଥିଲା।

## ୨୮ତମ ଏସୀୟ ଟେବୁଲ୍ ଟେନିସ୍ : ଶରତ କମଲ ବ୍ରାଣ୍ଡ ଆମ୍ବାସଡର

**ନୂଆଦିଲ୍ଲୀ**

ଅକ୍ଟୋବର ୧୧ରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ୨୮ତମ ଏସୀୟ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ପାଇଁ ଭାରତୀୟ କିଂବଦନ୍ତୀ ଅଚନ୍ତ ଶରତ କମଲଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ମନୋନୀତ କରାଯାଇଛି। ୨୨ଟି ଶ୍ରେଷ୍ଠ ଏସୀୟ ଦଳକୁ ନେଇ ଆୟୋଜିତ ଏହି ଚର୍ଚ୍ଚିତ ମହାଦେଶୀୟ ପ୍ରତିଯୋଗିତାରୁ ୨୦୨୬ ମସିହାରେ ଲଣ୍ଡନରେ ହେବାକୁ ଥିବା ବିଶ୍ୱ ଦଳଗତ ଟେବୁଲ ଟେନିସ୍ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପର୍ଯ୍ୟାୟ ହୋଇଥିବାରୁ ଏହାର ଗୁରୁତ୍ୱ ବଢ଼ିଯାଇଛି। ଓଡ଼ିଶା ପ୍ରଥମ ଥର ପାଇଁ ଏହି ଟିଟି ସମର ଆୟୋଜନ କରୁଥିବା ବେଳେ ଶରତ କମଲଙ୍କ ସମ୍ପୃକ୍ତି ପ୍ରେରଣାଦାୟୀ ହେବାକୁ ଯାଉଛି। ଶରତଙ୍କର ଟେବୁଲ ଟେନିସ୍ କ୍ୟାରିୟର ବେଶ୍ ରୋମାଞ୍ଚକର ଥିଲା। ସେ ବହୁ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଏସୀୟ କ୍ରୀଡ଼ା ପଦକ ବିଜେତା ହେବା ସହ ଭାରତର କିମ୍ବଦନ୍ତୀ ଖେଳାଳି ଭାବେ ଅନେକ ରେକର୍ଡ ନିଜ ନାମରେ ରଖିଛନ୍ତି। ‘ଭୁବନେଶ୍ୱରରେ ଏସୀୟ ଟେବୁଲ ଟେନିସ୍ ପ୍ରତିଯୋଗିତା ପାଇଁ ବ୍ରାଣ୍ଡ ଆମ୍ବାସାଡ଼ର ନିଯୁକ୍ତ ହୋଇଥିବାରୁ ମୁଁ କୃତଜ୍ଞ। ଟେବୁଲ ଟେନିସ୍ ମୋ ପାଇଁ ଜୀବନବ୍ୟାପୀ ଆଗ୍ରହର ବିଷୟ। ଏହାକୁ ପ୍ରୋତ୍ସାହିତ କରିବାରେ ମୁଁ ଆନନ୍ଦିତ’ ବୋଲି କମଲ କହିଛନ୍ତି।

# ଜୁନିୟର ପେନାକ ସିଲାଟ୍ ଚାମ୍ପିଅନସିପ୍‌ରେ ଚମକିଲେ ଓଡ଼ିଆ ପ୍ରତିଯୋଗୀ

**ଭୁବନେଶ୍ୱର**

କାଶ୍ମୀରରେ ଆୟୋଜିତ ତୃତୀୟ ଏସୀୟ ଜୁନିୟର ପେନାକ ସିଲାଟ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ରେକର୍ଡ। ଓଡ଼ିଶା ଖେଳାଳି ମୋଟ୍ ୧୧ଟି ପଦକ ଜିତିଛନ୍ତି। ଓଡ଼ିଶାର କାହ୍ନା ବେହେରା ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ରେଗୁ ଇଭେଣ୍ଟରେ (ପୁରୁଷ ଓ ମହିଳା) ଆଶିକ ପ୍ରଧାନ, ସୂୟମ ଗୁରୁଙ୍ଗ, ଭୁବନ ରାୟ ରୌପ୍ୟ ଜିତିଥିବାବେଳେ ଏଲିନା ଗୁରୁଙ୍ଗ, ଗାୟତ୍ରୀ ଦାସ, ନିତିଶା ବାରିକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ସେହିପରି ଆଶିକ୍ ପ୍ରଧାନ ଟେଣ୍ଡିଂ ଇଭେଣ୍ଟରେ, ନିତିଶା ବ୍ୟକ୍ତିଗତ ଇଭେଣ୍ଟରେ ଏବଂ ସମରେଶ କୁମାର ନନ୍ଦ ଟେଣ୍ଡିଂ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି। ଏହି ଚାମ୍ପିଅନସିପ୍‌ରେ ୧୨ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ସମସ୍ତ ଅଧିକାରୀଙ୍କ ସମେତ ଖୋର୍ଦ୍ଧା ପେନାକ ସିଲାଟ ସଂଘର ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅନ୍ୟପଟେ କର୍ଣ୍ଣାଟକରେ ଆୟୋଜିତ ୧୩ତମ ଜାତୀୟ ଜୁନିୟର ପେନାକ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ଦଳ ମୋଟ୍ ୪୮ଟି ପଦକ ଜିତିଛି। ସେଥିମଧ୍ୟରେ ୨୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ, ୧୭ଟି ବ୍ରୋଞ୍ଜ ପଦକ ସାମିଲ ରହିଛି। କୋଚ୍ ରାହୁଲ ସା ଓ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ୬୦ଜଣିଆ ଓଡ଼ିଶା ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀଙ୍କ ସମେତ ପେନାକ ସିଲାଟ୍ ଆସୋସିଏସନ୍ ଅଫ୍ ଖୋର୍ଦ୍ଧାର ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଓଡ଼ିଶା ପେନାକ ସିଲାଟ ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ପଦକ ବିଜେତା ଓଡ଼ିଶା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆରମ୍ଭ ହେଲା ଇରାନୀ କପ୍ : ପାତିଦାର, ଈଶ୍ୱରନ, କାମ୍ବୋଜଙ୍କ ଉପରେ ରହିବ ନଜର

**ନାଗପୁର**

ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଆରମ୍ଭ ହୋଇଛି ଇରାନୀ କପ୍। ଏହି ମ୍ୟାଚ୍ ଜରିଆରେ ବହୁ ଉଦୀୟମାନ ତାରକା ଶ୍ରେଷ୍ଠ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ନିଦ ହଜାଇବାକୁ ଲକ୍ଷ୍ୟ ରଖିଛନ୍ତି। ଆଉ କିଛି ଖେଳାଳିଙ୍କ ଉପରେ ଚୟନକର୍ତ୍ତାଙ୍କ ନଜର ରହିଛି। ଅବଶିଷ୍ଟ ଭାରତ ଏକାଦଶ ଦଳରେ ରହିଛନ୍ତି ପେସ୍ ବୋଲର ଆକାଶ ଦୀପ, ଇଶାନ କିଷନ, ଋତୁରାଜ ଗାଏକ୍ୱାଡଙ୍କ ଭଳି ଖେଳାଳି। ଯେଉଁମାନେ ପୂର୍ବରୁ କୌଣସି ଏକ ଫର୍ମାଟରେ ଭାରତ ପକ୍ଷରୁ ଖେଳିସାରିଛନ୍ତି। ଆକାଶ ଦୀପ ଟେଷ୍ଟ ଦଳର ପ୍ରମୁଖ ସଦସ୍ୟ। ଇଂଲଣ୍ଡ ଗସ୍ତରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ଆହତ ହୋଇଥିଲେ। ସେବେଠୁ ସେ କୌଣସି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଖେଳି ନାହାନ୍ତି।

ଇରାନୀ କପ୍ ଜରିଆରେ ତାଙ୍କ ଫିଟ୍‌ନେସ ପରୀକ୍ଷା ହେବ। ଗାଏକ୍ୱାଡ୍ ମଧ୍ୟ ଫିଟ୍ ହୋଇ ଫେରିଛନ୍ତି। ତାଙ୍କ ପ୍ରଦର୍ଶନ ଉପରେ ଚୟନକର୍ତ୍ତାଙ୍କ ନଜର ରହିବା ନିଶ୍ଚିତ। ସେ ଭାରତୀୟ ଟେଷ୍ଟ ଦଳର ଭବିଷ୍ୟତ। ଇଶାନ କିଷନ ମଧ୍ୟ କାଉଣ୍ଟି କ୍ରିକେଟ୍‌ରେ ଆହତ ହୋଇଥିଲେ। ସେ ଫିଟ୍ ହୋଇ ଏହି ମ୍ୟାଚ୍ ଜରିଆରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଦଳର ନେତୃତ୍ୱ ନେଉଥିବା ରଜତ ପାତିଦାରଙ୍କ ଉପରେ ମଧ୍ୟ ଚୟନକର୍ତ୍ତାଙ୍କ ନଜର ରହିଛି। ଟେଷ୍ଟ ଦଳର ମଧ୍ୟ କ୍ରମ ବ୍ୟାଟିଂ ବିଭାଗକୁ ନେଇ ଏବେ ବି ପରୀକ୍ଷା ନିରୀକ୍ଷା ଚାଲିଛି। ପାତିଦାର ପୂର୍ବରୁ ଟେଷ୍ଟ ଖେଳିଥିଲେ ହେଁ ଦକ୍ଷତା ମୁତାବକ ପ୍ରଦର୍ଶନ କରିପାରି ନଥିଲେ। ଆଗାମୀ ଦିନରେ ତାଙ୍କୁ ଟେଷ୍ଟ ଦଳକୁ ଫେରାଇ ଆଣିବାକୁ ବିଚାର କରାଯାଉଛି। ହେଲେ ଏହା ପୂର୍ବରୁ ତାଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ହେବ।




ଏମାନଙ୍କ ବ୍ୟତୀତ ତନୁଶ କୋଟିଆନ୍, ମାନବ ସୁତାର, ସାରାଂଶ ଜୈନ, ସାଇକ ରସିଦ, ଗୁରନୂର ବ୍ରାର ପ୍ରମୁଖ ଘରୋଇ କ୍ରିକେଟ୍‌ରେ ଚିତ୍ତାକର୍ଷକ ପ୍ରଦର୍ଶନ କରି ଅବଶିଷ୍ଟ ଭାରତ ଦଳରେ ସ୍ଥାନ ପାଇଛନ୍ତି। ଏମାନେ ସୁଯୋଗର ସଦୁପଯୋଗ କରିବାକୁ ବଦ୍ଧପରିକର। ବିଦର୍ଭ ଦଳର କିଛି ଖେଳାଳି ମଧ୍ୟ ଚୟନକର୍ତ୍ତାଙ୍କ ନଜରରେ ରହିବେ। ସେମାନଙ୍କ ମଧ୍ୟରେ ଆଗରେ ରହିଛନ୍ତି ବାମ ହାତି ସ୍ପିନର ହର୍ଷ ଦୁବେ। ଗତ ରଣଜୀ ଟ୍ରଫିରେ ସେ ସର୍ବାଧିକ ୱିକେଟ୍ ନେଇଥିଲେ। ସେହପରି ଓପନିଂ ବ୍ୟାଟର ଡାନିସ ମାଲେୱର, ଯଶ ରାଠୋଡ଼ ମଧ୍ୟ ଦମଦାର ପ୍ରଦର୍ଶନ କରିବା ଆଶା କରାଯାଉଛି। ଯଶ ଦୁଲୀପ ଟ୍ରଫିରେ ୫ଟି ଇନିଂସରୁ ୩୭୪ ରନ ସଂଗ୍ରହ କରିଥିଲେ। ଫାଇନାଲ୍‌ରେ ୧୯୪ ରନ୍‌ର ଏକ ମାରାଥନ ଇନିଂସ ମଧ୍ୟ ଖେଳିଥିଲେ। ମାଲେୱର ମଧ୍ୟ ଦୁଲୀପ୍ ଟ୍ରଫିରେ ଦ୍ୱିଶତକ ଅର୍ଜନ କରିଥିଲେ। ଭିସିଏ ଷ୍ଟାଡ଼ିୟମ୍‌ର ପିଚ ସ୍ପିନରଙ୍କୁ ସହାୟତା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ ଘରୋଇ ସିଜନରେ ଏହି ଗ୍ରାଉଣ୍ଡ୍‌ରେ ୩ଟି ମ୍ୟାଚ୍ ଖେଳାଯାଇ ଥିଲା। ସମସ୍ତ ମ୍ୟାଚ୍‌ରେ ସ୍ପିନରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା।

## ମହିଳାଙ୍କ ଘର ଭାଙ୍ଗିଲା ହାତୀ

**କଲ୍ୟାଣସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ବନଖଣ୍ଡ କଲ୍ୟାଣସିଂହପୁର ରେଞ୍ଜ ଶିକରପାଇ ବିଟ ଅଧୀନରେ ଥିବା ଭିତର ଝୋଲା ଗ୍ରାମର ଦଶଇ ମେଲକା ନାମ୍ନୀ ଜଣେ ମହିଳାଙ୍କ ଘର ଭାଙ୍ଗିଲା ହାତୀ। ବହୁଦିନ ଧରି କିଛି ହାତୀ ଆସି ସାଜା ଜଙ୍ଗଲରେ ରହି ବିଭିନ୍ନ ଅଞ୍ଚଳ ବୁଲି କେଉଁଠି ଫସଲ ନଷ୍ଟ କରୁଛନ୍ତି ତ କେଉଁଠି ଘର ଭାଙ୍ଗି ଦେଉଛନ୍ତି। ଆଉ କେଉଁଠି ଲୋକଙ୍କୁ କଚାଡ଼ି ମାରୁଛନ୍ତି। ରାତିରେ ଦୁଇଟି ହାତୀ ଆସି ଦଶଇଙ୍କ ମାଟି ଝିଙ୍କର ଘରକୁ ଭାଙ୍ଗି ଜିନିଷ ପତ୍ର ନଷ୍ଟ କରିଦେଇଛନ୍ତି। ବନ କର୍ମଚାରୀ ପହଞ୍ଚି ହାତୀ ଘଉଡ଼ାଇବା ସହିତ ଲୋକଙ୍କୁ ସଚେତନ କରିଛନ୍ତି। ହାତୀମାନେ ଏବେ ଥେରୁବାଲି ବିଟରେ ଘୁରି ବୁଲୁଥିବା ବେଳେ ବର୍ତ୍ତମାନ ରାୟଗଡ଼ା ରେଞ୍ଜ କୁମୁଟେଲପେଣ୍ଟା ସେକ୍ସନ ଆଡକୁ ମୁହାଁଇଥିବା ଜଣାପଡ଼ିଛି।



# ରାଷ୍ଟ୍ର ସାଧନାର ଶହେ ବର୍ଷ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ। ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର। ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ ଅବସରର ସାକ୍ଷୀ। ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକମାନଙ୍କୁ ଶୁଭକାମନା ଜଣାଉଛି। ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ... ପରମ ପୂଜ୍ୟ ଡକ୍ଟର ହେଡଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣ କରିବା ପାଇଁ, ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ୍ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି। ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହି ଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ। ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି। ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଂଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ି ହୋଇ ରାଷ୍ଟ୍ର ସେବା କରୁଛନ୍ତି। ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତିକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି। ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା। ସଂଘ ଶାଖାର ସେହି ପଡ଼ିଆ, ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍ ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ। ସଂଘର ଶାଖାଗୁଡ଼ିକ... ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ।

ରାଷ୍ଟ୍ର ନିର୍ମାଣର ମହାନ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି। ଏହିସବୁ ସ୍ତମ୍ଭ ଉପରେ ଛିଡ଼ା ହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇ ନେଉଛନ୍ତି। ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡଗେୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସଂଘ ସଂରକ୍ଷଣ ଦେଇଥିଲା... ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା। ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି । ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା। ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା। କିନ୍ତୁ ସଂଘର ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରିନଥିଲେ। କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ’ ଆମକୁ ନେଇ ଗଢ଼ା ହୋଇଛି। ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଂକଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି.. ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି।

ପ୍ରତିଷ୍ଠା ଦିନରୁ, ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି। ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ। ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ, ସର୍ବାଗ୍ରେ ଠିଆ ହୋଇଥିଲେ। ଏହା କେବଳ ସାହାଯ୍ୟ ନଥିଲା; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା। ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂର କରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ। ଆଜି ମଧ୍ୟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ।

ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି... ସ୍ୱାଭିମାନ ଜଗାଇଛି। ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମ କରି ଆସିଛି... ଯାହା ଦୁର୍ଗମ... ଯେଉଁଠି ପହଞ୍ଚିବା ସବୁଠୁ କଠିନ। ସଂଘ... ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି... ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି। ଆଜି ସେବା ଭାରତୀ... ବିଦ୍ୟା ଭାରତୀ, ଏକକ ବିଦ୍ୟାଳୟ... ବନବାସୀ କଲ୍ୟାଣ ଆଶ୍ରମ... ଆଦିବାସୀ ସମାଜର ସଶକ୍ତିକରଣ ପାଇଁ ଆଧାର ପାଲଟିଛନ୍ତି।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚ-ନୀଚ ଭାବନା ସୃଷ୍ଟି କରିବା ସହିତ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି। ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତାର କାମ କରି ଆସିଛି। ଡକ୍ଟର ସାହେବଙ୍କ ଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି। ପରମପୂଜ୍ୟ ଗୁରୁଜୀ ନିରନ୍ତର ‘‘ନ ହିନ୍ଦୁ ପତିତୋ ଭବେତ୍’’ ଭାବନାକୁ ପ୍ରଚାରପ୍ରସାର କରିଛନ୍ତି। ପୂଜ୍ୟ ବାଲା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା’ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ। ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା। କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ, ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ। ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ୍ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ।


ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତ ହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା। ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି। ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁଁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି। ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫୀ ମିଶନ ଘୋଷଣା କରିଛି। ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜବୁତ କରିବାକୁ ହେବ। ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି। ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି, ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି। ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଉର୍ଜା ବଢ଼ାଇ, ଦେଶକୁ ଅନୁପ୍ରାଣିତ କରିବ। ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା।

ଭୁବନେଶ୍ୱର
୨ ଅକ୍ଟୋବର,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



# ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ଶକ୍ତି ସ୍ୱରୂପିଣୀ ମା’ ଦୁର୍ଗା



ଅଶୋକ ନଗର



ପୁରୁଣା ଭୁବନେଶ୍ୱର, ବଡ଼େଇବାଙ୍କ



ବିଡ଼ିଏ କଲୋନୀ, ଚନ୍ଦ୍ରଶେଖରପୁର



ଭୀମଟାଙ୍ଗୀ



ଭୌମ୍ୟନଗର



ଚନ୍ଦ୍ରଶେଖରପୁର, ଡିଷ୍ଟ୍ରିକ୍ ସେଣ୍ଟର



ଗାଡ଼କଣ



ଗଜପତି ନଗର



ରବିଟକିଜ୍



ଶୈଳଶ୍ରୀ ବିହାର, ଫେଜ୍-୬



ଟଙ୍କପାଣି ରୋଡ୍



ୟୁନିଟ୍ -୧



ୟୁନିଟ୍-୨

# ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରାଯାଇଛି : ନାଲ୍‌କୋ

**ଭୁବନେଶ୍ୱର, ୦୧/୧୦**
**ନ୍ୟୁଜ ବ୍ୟୁରୋ**

ନାଲ୍‌କୋ NALCO



ଜାତୀୟ ଲୋକ ଉଦ୍ୟୋଗ ‘ନାଲ୍‌କୋ’ରେ ଚାକିରି ଦେବା ନାଁରେ ଠକେଇ ହେବା ନେଇ କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ନାଲ୍‌କୋ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ଏକ ସାକ୍ଷାତକାର୍‌ରେ ଦୃଢ଼ ଖଣ୍ଡନ କରାଯାଇଛି । ଚାକିରି ଦେବା ନାଁରେ କେତେକ ପିଲା ଠକେଇର ଶିକାର ହୋଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା । ବୁଧବାର ନାଲ୍‌କୋ ପକ୍ଷରୁ ଗଣମାଧ୍ୟମକୁ ସ୍ୱତନ୍ତ୍ର ସାକ୍ଷାତକାର୍ ଦିଆଯାଇ ଉକ୍ତ ରିପୋର୍ଟକୁ ଖଣ୍ଡନ କରାଯାଇଛି । ଏହି ସାକ୍ଷାତକାରରେ କୁହାଯାଇଛି ଯେ, ନାଲ୍‌କୋରେ ନିଯୁକ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସର୍ବଦା ବଜାୟ ରଖାଯାଇଆସୁଛି । ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରଖାଯିବା ସହ ଶତପ୍ରତିଶତ ଦୁର୍ନୀତିମୁକ୍ତ ରଖାଯାଏ । ଦେଶର ନବରତ୍ନ ଉଦ୍ୟୋଗ ମଧ୍ୟରୁ ଅନ୍ୟତମ ନାଲ୍‌କୋକୁ ବଦନାମ କରିବା ପାଇଁ କେତେକ ବ୍ୟକ୍ତି ଚକ୍ରାନ୍ତ କରୁଛନ୍ତି । ଏଥିରେ ଓଡ଼ିଶାବାସୀ କୌଣସି ପ୍ରକାରେ ବିଶ୍ୱାସ କରିବା ଉଚିତ୍ ନୁହେଁ । ନାଲ୍‌କୋ ଓଡ଼ିଶାର ଗୌରବ ଏବଂ ନାଲ୍‌କୋ ପ୍ରତି ଓଡ଼ିଶାବାସୀଙ୍କ ସଦିଚ୍ଛା ବଳବତର ରହିଛି । ନିଯୁକ୍ତିରେ ଅନିୟମିତତା ହୋଇଥିବା ନେଇ କେହି ଅଭିଯୋଗ କରିଛନ୍ତି, ଯାହା ଫଳରେ ସିବିଆଇ ନାଲ୍‌କୋ କାର୍ଯ୍ୟାଳୟକୁ ଆସିଥିଲା । ନିଯୁକ୍ତି ସଂକ୍ରାନ୍ତ କାଗଜପତ୍ର ସିବିଆଇର କହିବା ଅନୁସାରେ ଦେଖାଯାଇଛି । ଯଦି କେହି ପିଲା ନିଯୁକ୍ତି ଠକେଇର ଶିକାର ହୋଇଥାନ୍ତି ତେବେ ସେମାନେ ପୋଲିସରେ ଅଭିଯୋଗ କରନ୍ତୁ । ପୋଲିସ ଏହାର ଯାଞ୍ଚ କରୁ ବୋଲି ଏହି ସାକ୍ଷାତକାର୍‌ରେ କୁହାଯାଇଛି ।

ନାଲ୍‌କୋ ପକ୍ଷରୁ ପୁଣି କୁହାଯାଇଛି ଯେ, ଏହି ନବରତ୍ନ କମ୍ପାନୀ ଦେଶର ଏକ ବୃହତ୍ତ ତଥା ଲାଭ ପ୍ରଦାନକାରୀ ସଂସ୍ଥା । ଏହି କମ୍ପାନୀରେ ଚାକିରି କରିବା ପାଇଁ ଶିକ୍ଷିତ ପିଲାମାନେ ଆଗ୍ରହୀ ହୋଇଥାନ୍ତି । ଆମେ ଯୋଗ୍ୟ ପିଲାଙ୍କୁ ନିଯୁକ୍ତି ଦେବାରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରି ଆସୁଛୁ । କମ୍ପାନୀର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଦନ୍ତକାରୀ କେନ୍ଦ୍ରୀୟ ଏଜେନ୍ସି ସିବିଆଇ ଯାଞ୍ଚ କରିବା ସ୍ୱାଗତ ଯୋଗ୍ୟ ବୋଲି ନାଲ୍‌କୋ ପକ୍ଷରୁ କୁହାଯାଇଛି ।

# ଝାରସୁଗୁଡ଼ାର ଦୁର୍ଗା ପୂଜା ମଣ୍ଡପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

**ଝାରସୁଗୁଡ଼ା, ୦୧/୧୦**
**ନ୍ୟୁଜ ବ୍ୟୁରୋ**



ଝାରସୁଗୁଡ଼ାର ସରବାହାଲ ଦୁର୍ଗା ପୂଜା ମଣ୍ଡପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଝାରସୁଗୁଡ଼ା ସହରର ସରବାହାଲ ଓମ୍ ଶ୍ରୀ ଦୁର୍ଗା ପୂଜା ମଣ୍ଡପରେ ବୁଧବାର ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମା’ ଦୁର୍ଗାଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ପୂଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଗାମୁଛା ଦେଇ ସ୍ୱାଗତ କରିଥିଲେ । ସରବାହାଲ ଦୁର୍ଗାପୂଜା କମିଟିର ଆଦିତ୍ୟ ପୂଜାରୀ, ରବୀନ୍ଦ୍ର ଦୀକ୍ଷିତ, ରାଜେଶ୍ ପାଢ଼ୀ, ଲୁଲୁ ପଣ୍ଡା, ଆଲୋକ ପାଣିଗ୍ରାହୀ, ସଞ୍ଜୟ ମିଶ୍ର ହୃଷିକେଶ ମିଶ୍ର, ନିମାଇଁ ଚରଣ ବେହେରା ସୁରେଶ ପୂଜାରୀଙ୍କୁ ସମ୍ମାନିତ କରିଥିଲେ । ତା’ପରେ ସରବାହାଲ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସେମାନଙ୍କ ସହିତ ଆଲୋଚନା କରିଥିଲେ ମନ୍ତ୍ରୀ । ଆଲୋଚନା ପରେ ସହରର ବିଭିନ୍ନ ପୂଜା ମଣ୍ଡପକୁ ଯାଇଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଏହି ଅବସରରେ ପୂଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଗାମୁଛା ଦେଇ ସ୍ୱାଗତ କରିଥିଲେ । ସରବାହାଲ ଦୁର୍ଗାପୂଜା କମିଟି ପକ୍ଷରୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ସମ୍ମାନିତ କରାଯାଇଥିଲା । ତା’ପରେ ସରବାହାଲ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ମନ୍ତ୍ରୀ । ଆଲୋଚନା ପରେ ସହରର ବିଭିନ୍ନ ପୂଜା ମଣ୍ଡପକୁ ଯାଇଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ।

# କଣ୍ଟେନର୍ ଧକ୍କାରେ ଚାଲିଗଲା ୩ ଜୀବନ



**ଖୋର୍ଦ୍ଧା, ୦୧/୧୦**
**ନ୍ୟୁଜ ବ୍ୟୁରୋ**

ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଇବା ହେଲା କାଳ । ୧୬ ନଂ ଜାତୀୟ ରାଜପଥ ଖୋର୍ଦ୍ଧା ବାଇପାସ୍ ନିକଟରେ କଣ୍ଟେନର୍ ଧକ୍କାରେ ଚାଲିଗଲା ୩ ଜୀବନ । ତିନି ମୃତକ ଡେଲାଙ୍ଗ ଅଞ୍ଚଳର ହୋଇଥିବା ବେଳେ ସମସ୍ତଙ୍କ ପରିଚୟ ବର୍ତ୍ତମାନ ଅସ୍ପଷ୍ଟ ରହିଛି । ଘଟଣାସ୍ଥଳରେ ଶିଖରଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ସୂଚନା ମୁତାବକ, ଖୋର୍ଦ୍ଧା ପିତାପଲୀ ଛକ ଠାରୁ ଜାତୀୟ ରାଜପଥର ରଙ୍ଗ ରୁଟ୍‌ରେ ୩ ଜଣ ବାଇକ୍‌ରେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କଣ୍ଟେନର ସହିତ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲେ । ଯାହାଫଳରେ ଗାଡ଼ିରେ ଥିବା ତିନି ଜଣ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ଶିଖରଞ୍ଚଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି । ଏହାସହିତ କଣ୍ଟେନର ଗାଡ଼ିର ଡ୍ରାଇଭରଙ୍କୁ ମଧ୍ୟ ଥାନାରେ ଅଟକ ରଖିଛି । ଏଥି ସହିତ ଘଟଣାର ତଦନ୍ତ ଜାରି ରଖିଛି ଶିଖରଞ୍ଚଳ ଥାନା ପୁଲିସ ।

**କଳିଙ୍ଗ ଘାଟିରେ ଭୂସ୍ଖଳନ ଘଟଣା**

# ବିତିଲାଣି ୧୫ ଦିନ: ଏଯାଏଁ ସରିଲାନି ରାସ୍ତାକାମ

**ଜି.ଉଦୟଗିରି,୦୧/୧୦**
**ନ୍ୟୁଜ ବ୍ୟୁରୋ**

କଳିଙ୍ଗା ଘାଟିରେ ଭୂସ୍ଖଳନ ହେବାର ପନ୍ଦର ଦିନ ବିତିଗଲା । ହେଲେ ଯାତାୟାତ ସ୍ୱାଭାବିକ ହୋଇ ପାରିଲାନାହିଁ । ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କନ୍ଧମାଳ ଜିଲ୍ଲା ବିଶେଷ କରି ଜି ଉଦୟଗିରି ଅଞ୍ଚଳର ଲୋକମାନେ ଭଞ୍ଜନଗର ଯିବାକୁ ହେଲେ ୬୦ କିଲୋମିଟର ଅଧିକ ରାସ୍ତା ବୁଲିବାକୁ ପଡୁଛି । ଏହି ମନ୍ଥର କାମ ପାଇଁ ସ୍ଥାନୀୟଲୋକେ ଜାତୀୟ ରାଜପଥ ବିଭାଗକୁ ଦାୟୀ କରିଛନ୍ତି । ପାହାଡ ଉପରୁ ୩ଟି ସ୍ଥାନର ପାଣି ଆସିବାରୁ ଏହି ଭୂସ୍ଖଳନ ଘଟିଥିଲା । ଏହା ଉପରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅନୁରୋଧ କରିଥିଲେ । କାରଣ ଘାଟି ରାସ୍ତାର ସୁରକ୍ଷା ପାଇଁ କୌଣସି ଆବଶ୍ୟକୀୟ ପଦକ୍ଷେପ ନିଆ ଯାଉନାହିଁ । ବିଶେଷ କରି ଭୂସ୍ଖଳନ ସ୍ଥାନର ପାହାଡ଼ ଉପରେ ଥିବା ବଡ଼ ବଡ଼ ପଥରକୁ ହଟାଇବା ପାଇଁ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଉନାହିଁ । ବିଶେଷ କରି ବାଇପାସ୍ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ । ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଲୋକେ ଯାତାୟାତ କରିଥାଆନ୍ତି । ବର୍ତ୍ତମାନ ଏହି ରାସ୍ତାରେ ଯିବା ଆସିବା ବନ୍ଦ ରହିଥିବା କାରଣରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ଶୀତ ଋତୁ ଆସୁଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ହେବ ବୋଲି ଅନୁମାନ କରାଯାଉଛି । ସୂଚନା ଯୋଗ୍ୟ ଯେ, ଗତ ୧୬ ତାରିଖରେ କଳିଙ୍ଗା ଘାଟିରେ ଭୂସ୍ଖଳନ ହୋଇଥିଲା । ଫଳରେ ଆଜି ଯାଏଁ କନ୍ଧମାଳ ଜିଲ୍ଲାରୁ ଗଞ୍ଜାମ ଜିଲ୍ଲାକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

**ପ୍ରକାଶ ଅପେକ୍ଷାରେ...**

**‘କଥାକଳିକା’ର ଅକ୍ଟୋବର -୨୦୨୫ ପାର୍ବଣ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ରାଜ କିଶୋର ଦାସ
**ସମକାଳର କଥା :** ଗଙ୍ଗାଧର ବିଶ୍ୱାଳ, ସଂଘମିତ୍ରା ମିଶ୍ର, ଅନୁସୂୟା ପଣ୍ଡା, ସୁଚିତ୍ରା ମିଶ୍ର, ରଞ୍ଜନ ପ୍ରଧାନ, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରତାପ କୁମାର ପଣ୍ଡା ଓ ରୁମିନନ୍ଦ ।
**ଏବଂ ଶେଷରେ....**
**ବିଶେଷ କଥା :** ଅଶୋକ ବିଶ୍ୱାଳ, ପ୍ରଣିତା ରାଣୀ ବେହେରା ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଉତ୍ତର ପ୍ରଦେଶରେ ପଞ୍ଜୀକୃତ ହୋଇଛି ସର୍ବାଧିକ ମହିଳା ବିରୋଧି ଅପରାଧ ମାମଲା

**ନୂଆଦିଲ୍ଲୀ, ୦୧/୧୦**



ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି)ର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୩ ମସିହାରେ ମହିଳାଙ୍କ ବିରୁଦ୍ଧରେ ପ୍ରାୟ ୪.୫ ଲକ୍ଷ ଅପରାଧ ମାମଲା ପଞ୍ଜିକୃତ ହୋଇଥିଲା । ଏହାର ପୂର୍ବ ଦୁଇ ବର୍ଷ ତୁଳନାରେ ସାମାନ୍ୟ ବୃଦ୍ଧି ଘଟିଛି । ୨୦୨୩ ମସିହାରେ ମହିଳାଙ୍କ ବିରୁଦ୍ଧରେ ଅପରାଧର ମୋଟ ୪,୪୮,୨୧୧ ମାମଲା ପଞ୍ଜିକୃତ ହୋଇଥିଲା । ୨୦୨୨ ମସିହାରେ ଏହା ୪,୪୫,୨୫୬ ଏବଂ ୨୦୨୧ ମସିହାରେ ୪,୨୮,୨୭୮ ମାମଲା ଥିଲା । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପୋଲିସ ରେକର୍ଡରୁ ସଂଗୃହୀତ ତଥ୍ୟ ଦର୍ଶାଉଛି ଯେ ଜାତୀୟ ଅପରାଧ ହାର ପ୍ରତି ଲକ୍ଷେ ମହିଳାଙ୍କ ମଧ୍ୟରେ ୬୬.୨ ଘଟଣା ଘଟୁଛି, ଯାହା ବର୍ଷର ମଧ୍ୟଭାଗରେ ୬,୭୭୦ ଲକ୍ଷ ମହିଳା ଜନସଂଖ୍ୟା ଉପରେ ଆଧାରିତ । ଏହି ମାମଲାରେ ସାମଗ୍ରିକ ଚାର୍ଜସିଟ୍ ଦାଖଲ ହାର ୨୦୨୩ ମସିହାରେ ୭୭.୬ ପ୍ରତିଶତ ଥିଲା । ରାଜ୍ୟଗୁଡ଼ିକ ମଧ୍ୟରେ, ଉତ୍ତର ପ୍ରଦେଶରେ ସର୍ବାଧିକ ୬୬,୩୮୧ ମାମଲା ରିପୋର୍ଟ ହୋଇଥିବା ବେଳେ ମହାରାଷ୍ଟ୍ରରେ ୪୭,୧୦୧, ରାଜସ୍ଥାନରେ ୪୫,୪୫୦, ପଶ୍ଚିମବଙ୍ଗରେ ୩୪,୬୯୧ ଏବଂ ମଧ୍ୟପ୍ରଦେଶରେ ୩୨,୩୪୨ ମାମଲା ରହିଛି । ତେଲେଙ୍ଗାନା ପ୍ରତି ଲକ୍ଷ ମହିଳା ଜନସଂଖ୍ୟାରେ ୧୨୪.୯ ଅପରାଧ ହାର ସହିତ ତାଲିକାର ଶୀର୍ଷରେ ଅଛି । ଏହା ପରେ ରାଜସ୍ଥାନରେ ୧୧୪.୮, ଓଡ଼ିଶାରେ ୧୧୨.୪, ହରିୟାଣାରେ ୧୧୦.୩ ଏବଂ କେରଳରେ ୮୬.୧ ମାମଲା ରହିଛି । ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮ (କ) ଅଧୀନରେ ସର୍ବାଧିକ ସଂଖ୍ୟକ ମାମଲା ରିପୋର୍ଟ ହୋଇଥିଲା, ଯେଉଁଥିରେ ୧,୩୩, ୬୭୬ ମାମଲା ପଞ୍ଜିକୃତ ହୋଇଥିଲା, ଯାହାର ହାର ୧୯.୭ ଥିଲା । ୧୮ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ମହିଳାଙ୍କ ପ୍ରତି ୨୮.୮୨୧ ଦୁଷ୍କର୍ମ ମାମଲା ଏବଂ ୧୮ ବର୍ଷରୁ କମ୍ ବୟସର ଝିଅମାନଙ୍କ ପ୍ରତି ୮୪୯ ଦୁଷ୍କର୍ମ ମାମଲା ଥିଲା । ଦୁଷ୍କର୍ମ ଉଦ୍ୟମର ୨୭୯୬ ମାମଲା ଏବଂ ଏସିଡ୍ ଆକ୍ରମଣର ୧୧୩ ମାମଲା ଥିଲା । ସ୍ୱତନ୍ତ୍ର ଏବଂ ସ୍ଥାନୀୟ ଆଇନ (ଏସ୍‌ଏଲ୍‌ଏଲ୍) ଅଧୀନରେ ମହିଳା ବିରୋଧୀ ଅପରାଧର ମୋଟ ୮୭.୮୫୦ ମାମଲା ପଞ୍ଜିକୃତ ହୋଇଛି । ଯୌତୁକ ନିରୋଧ ଆଇନ, ୧୯୬୧ ଅଧୀନରେ ୧୫,୪୮୯ ମାମଲା ପଞ୍ଜିକୃତ ହୋଇଥିବା ବେଳେ ମହିଳା ପୀଡିତାମାନଙ୍କ ସହିତ ଜଡ଼ିତ ୧୭୮୮ ମାମଲା ଅନୈତିକ ଚାଲାଣ (ନିବାରଣ) ଆଇନ, ୧୯୫୬ ଅଧୀନରେ ପଞ୍ଜିକୃତ ହୋଇଛି । ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ, ୨୦୦୫ ଅଧୀନରେ ୬୩୨ ମାମଲା ପଞ୍ଜିକୃତ ହୋଇଛି ।

୧୯୮୬ ମସିହାର ମହିଳା ଅଶୋଭନୀୟ ପ୍ରତିନିଧିତ୍ୱ (ନିଷେଧ) ଆଇନ ଅନୁଯାୟୀ ୩୧ଟି ମାମଲା, ଯୌନ ଅପରାଧରୁ ଶିଶୁ ସୁରକ୍ଷା (ପୋକ୍ସୋ) ଆଇନ ଅନୁଯାୟୀ ୪୦,୦୪୬ଟି ଶିଶୁ ଦୁଷ୍କର୍ମ ମାମଲା, ୨୨,୧୪୯ଟି ଯୌନ ନିର୍ଯାତନା ମାମଲା, ୨୭୭୮ଟି ଯୌନ ଉତ୍ପୀଡ଼ନ ମାମଲା, ୬୯୮ଟି ପର୍ଣ୍ଣୋଗ୍ରାଫି ପାଇଁ ଶିଶୁମାନଙ୍କୁ ବ୍ୟବହାର କରିବା ମାମଲା ଏବଂ ଆଇନର ଅନ୍ୟାନ୍ୟ ବ୍ୟବସ୍ଥା ଅନୁଯାୟୀ ୫୧୩ଟି ମାମଲା ପଞ୍ଜିକୃତ ହୋଇଥିଲା । ପୋଲିସର ତଥ୍ୟ ଦର୍ଶାଉଛି ଯେ ପୂର୍ବ ବର୍ଷଗୁଡ଼ିକରୁ ୧,୮୫,୯୬୧ଟି ମାମଲା ତଦନ୍ତ ପାଇଁ ବିଚାରାଧୀନ ଥିବା ବେଳେ ୪,୪୮,୨୧୧ଟି ନୂଆ ମାମଲା ପଞ୍ଜିକୃତ ହୋଇଥିଲା ଏବଂ ୯୮୭ଟି ସ୍ଥାନାନ୍ତରିତ ହୋଇଥିଲା, ଏହା ସର୍ବାଧିକ ୬,୩୫,୧୫୯ଟି ମାମଲାରେ ପହଞ୍ଚିଥିଲା ।